

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

ଯା ଦେବୀ ସର୍ବଭୂତେଷୁ.....

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର, ୦୮ ସେପ୍ଟେମ୍ବର ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 08 SEPTEMBER 2022

Vol.No. 35 ■ No. 236 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022

କାଶ୍ମୀରଠୁ କନ୍ୟାକୁମାରୀ, କଂଗ୍ରେସର 'ଭାରତ ଯୋଡ' ଯାତ୍ରା

ନୂଆଦିଲ୍ଲୀ, ୦୭/୦୯ : କେନ୍ଦ୍ର ସରକାରଙ୍କ ବିଫଳତାକୁ ଲୋକଲୋଚନକୁ ଆଣିବା ଏବଂ ଦେଶର ପ୍ରକୃତ ସମସ୍ୟା ସମସ୍ତଙ୍କ ସାମ୍ନାକୁ ଆଣିବା ପ୍ରସଙ୍ଗକୁ ନେଇ କଂଗ୍ରେସ 'ଭାରତ ଯୋଡ' ଅଭିଯାନ ଆରମ୍ଭ କରିଛି । ଏହି ଯାତ୍ରା କନ୍ୟାକୁମାରୀରୁ ଆରମ୍ଭ ହୋଇ ଜାମ୍ମୁକାଶ୍ମୀରରେ ଶେଷ ହେବ । ରାହୁଲ ଗାନ୍ଧୀଙ୍କ ସହ ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହେଲଟ ସମେତ ବହୁ ବରିଷ୍ଠ କଂଗ୍ରେସ ନେତା ଏବି ଜନସଂପର୍କ ପଦଯାତ୍ରାରେ ସାମିଲ ହୋଇଛନ୍ତି । କନ୍ୟାକୁମାରୀରୁ କାଶ୍ମୀର ଯାଏଁ ୩୭ଶହ କିଲୋମିଟର ଯାଏଁ ପଦଯାତ୍ରା କରାଯିବ । ଜନସମ୍ପର୍କ ପଦଯାତ୍ରାରେ ୧୨ଟି ରାଜ୍ୟ ଓ ୨ଟି କେନ୍ଦ୍ରଶାସିତ ଅଞ୍ଚଳ ରହିବ । ୧୫୦ ଦିନର ପଦଯାତ୍ରାରେ ପ୍ରାୟ ୩୭ଶହ କିଲୋମିଟର ଯାତ୍ରା କରିବେ ରାହୁଲ ଗାନ୍ଧୀ । ଏହି ଜନସମ୍ପର୍କ ପଦଯାତ୍ରାରେ ୩୦ପ୍ରତିଶତ ମହିଳା ରହିବେ । ଦରଦାମ୍ ବୃଦ୍ଧି, ଦେଶରେ ଅର୍ଥନୀତି ଅବସ୍ଥା, ବେକାରୀ ସମସ୍ୟାକୁ ନେଇ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରିବା ସହ ଲୋକଙ୍କ ସମସ୍ୟାକୁ ଶୁଣିବା ପାଇଁ କଂଗ୍ରେସ ଏହି ଜନସମ୍ପର୍କ ଯାତ୍ରା କରିବାକୁ ଯାଉଛି । କଂଗ୍ରେସର ଏହି ଭାରତ ଯୋଡ଼ୋ ଯାତ୍ରା ପରିବର୍ତନଶୀଳ ରାଜନୀତି ଉଦ୍ଦେଶ୍ୟରେ କରାଯାଉଛି । ଅଭିଯାନ ମାଧ୍ୟମରେ ଦେଶର ସମସ୍ତ କଂଗ୍ରେସକର୍ମୀ ଓ ସଦସ୍ୟଙ୍କୁ ଯୋଡିବା ଏହି ଅଭିଯାନର ମୂଳମନ୍ତ୍ର । ମୁଖ୍ୟତଃ ଏହି ଯାତ୍ରା ଜରିଆରେ କଂଗ୍ରେସର ଟାର୍ଗେଟରେ ରହିଛି ବିଜେପି । ସମାଜର ସବୁ ଧର୍ମର ଲୋକ ଏହି ଯାତ୍ରାରେ ସାମିଲ ହେବା ପାଇଁ କଂଗ୍ରେସ ଆହ୍ୱାନ ଦେଇଛି । ଗତ କିଛି ବର୍ଷ ହେଲା କଂଗ୍ରେସ ମାତ୍ର ହାତ ଗଣତି କିଛି ରାଜ୍ୟରେ ଶାସନରେ ଥିବା ବେଳେ ବହୁ ରାଜ୍ୟରେ ବିରୋଧୀ ଆସନରେ ବସିଛି । ଯାହା ଦଳୀୟ କର୍ମକର୍ତାଙ୍କ ମନୋବଳକୁ ହ୍ରାସ କରୁଛି । ତେଣୁ ଦେଶରେ ସାଧାରଣ ନିର୍ବାଚନ ପୂର୍ବରୁ କର୍ମୀଙ୍କ ମନରେ ଭାରତ ଯୋଡୋ ଅଭିଯାନ ନୂଆ ଯୋଶ ଭରିବ ବୋଲି ଦଳ ଆଶା ରଖିଛି । ସେପଟେ ବିଜେପି କଂଗ୍ରେସର ଭାରତ ଯୋଡ ଆନ୍ଦୋଳନକୁ ଭାରତ ତୋଡ୍ ଆନ୍ଦୋଳନର ନାଁ ଦେଇଛି । କଂଗ୍ରେସର ଭାରତ ଯୋଡୋ ଯାତ୍ରା ସେପ୍ଟେମ୍ବର ୭ରୁ କନ୍ୟାକୁମାରୀରୁ ଆରମ୍ଭ ହୋଇଛି । ପରେ ତିରୁଭନନ୍ତପୁରମ, କୋଚି, ନୀଲାମ୍ବୁର, ବେଲାରୀ, ରାୟଚୁର, ବିକାରାବାଦ, ନାନ୍ଦେଡ, ଜଲଗା, ଇନ୍ଦୋର, କୋଟା, ଦୌସା, ଅଲୱର, ବୁଲନ୍ଦସହର, ଦିଲ୍ଲୀ, ଅମ୍ବାଲା, ପଠାନକୋର୍ଟ, ଜମ୍ମୁ ହୋଇ ଶ୍ରୀନଗରରେ ଶେଷ ହେବ ।

ବେଙ୍ଗାଲୁରୁରେ ବର୍ଷାର ତାଣ୍ଡବ : ପାଣିରେ ବୁଡିଲା କୋଟିପତିଙ୍କ ଘର

ନୂଆଦିଲ୍ଲୀ, ୦୭/୦୯ : ଦେଶର ଅନ୍ୟତମ ଦାମୀ ସହର ଭିତରେ ରହିଛି କର୍ଣ୍ଣାଟକର ରାଜଧାନୀ ବେଙ୍ଗାଲୁରୁ । ଧନୀ ଶ୍ରେଣୀର ଲୋକଙ୍କ ତାଲିକା ଏଠି ଅନେକ ଲମ୍ବା । ତଥାପି ପ୍ରକୃତିର ପ୍ରକୋପରୁ ନା ରକ୍ଷା ପାଇଛି ସହର ନା ବାଦ ପଡିଛନ୍ତି ଧନୀ ଶ୍ରେଣୀର ଲୋକ । ଲଗାଣବର୍ଷା କେବଳ ସାଧାରଣ ଲୋକଙ୍କ ପାଇଁ କାଳ ଆଣିଛି । ସହରର ପ୍ରତିଟି ଗଳିକନ୍ଦି, ରାସ୍ତାଘାଟରେ ବନ୍ୟା ପାଣିର ସୁଅ ଦେଖିବାକୁ ମିଳିଛି । କେବଳ ସହରର ତଳିଆ ଅଂଚଳରେ ରହୁଥିବା ଲୋକେ ନୁହନ୍ତି ବରଂ ପ୍ରକୃତିର ଏହି ତାଣ୍ଡବ ବହୁ ବଡ଼ ବଡ଼ିଆଙ୍କ ଘରକୁ ମଧ୍ୟ ବୁଡ଼ାଇ ଦେଇଛି । ବନ୍ୟା ଜଳରେ ସିଲିକନ୍ ସିଟିର ସବୁଠାରୁ ବିଳାସପୂର୍ଣ୍ଣ ସ୍ଥାନ କୁହାଯାଉଥିବା ଗେନେଟ୍ କମ୍ୟୁନିଟି ଏପସିଲନ୍ ମଧ୍ୟ ବୁଡ଼ି ରହିଛି । ଏପସିଲନରେ ଦେଶର ବହୁ କୋଟିପତି ଏବଂ ବର୍ତମାନର ଉଦୀୟମାନ କୋଟିପତି ରହୁଛନ୍ତି । ଏପସିଲନରେ ଥିବା କୌଣସି ଘରର ମୂଲ୍ୟ ୧୦ କୋଟି ଟଙ୍କାରୁ କମ୍ ହେବ ନାହିଁ । ଏହି ଅଞ୍ଚଳରେ ୱିପ୍ରୋର ଚେୟାରମ୍ୟାନ୍ ରିଶଦ ପ୍ରେମଜୀଙ୍କ ଭଳି କୋଟିପତି ରୁହନ୍ତି । ସେହିପରି ବାୟଜୁ ରବିନ୍ଦ୍ରନଙ୍କ ଭଳି ନୂଆ ପିଢିର କୋଟିପତି ବାସ କରୁଛନ୍ତି । ବ୍ରିଟାନିଆର ସିଇଓ ବରୁଣ ବେରୀ, ବିଗ୍ ବାସ୍କେଟର ସହପ୍ରତିଷ୍ଠାତା ଅଭିନୟ ଚୌଧୁରୀ ଓ ପେଜ୍ ଇଣ୍ଡଷ୍ଟ୍ରିଜର ଏମଡି ଅଶୋକ ଗେନୋମଲଙ୍କ ଭଳି ଧନୀ ବ୍ୟକ୍ତି ଏହି ଆଲିସାନ୍ ଅଂଚଳରେ ବାସ କରନ୍ତି । କହିବାକୁ ଗଲେ ଗେନେଟ୍ କମ୍ୟୁନିଟି ଏପସିଲନରେ ପାଖାପାଖି ▶▶ପୃଷ୍ଠା ୭

ବର୍ଷା- ଅନୁଭବ ବିବାଦ : ହାଇକୋର୍ଟରୁ ପିଟିସନ୍ ପ୍ରତ୍ୟାହାର କଲେ ବର୍ଷା

ଭୁବନେଶ୍ୱର,୦୭/୦୯ (ନି.ପ୍ର): ସାଂସଦ ଅନୁଭବ ମହାନ୍ତି -ପତ୍ନୀ ବର୍ଷା ପ୍ରିୟଦର୍ଶିନୀ ପାରିବାରିକ ବିବାଦ ମାମଲାରେ ହାଇକୋର୍ଟରୁ ଆବେଦନ ପ୍ରତ୍ୟାହାର କରିଛନ୍ତି ବର୍ଷା ପ୍ରିୟଦର୍ଶିନୀ। ବିବାହ ବିଚ୍ଛେଦ ମାମଲାରେ ଅନୁଭବଙ୍କ ସାନି ସାକ୍ଷ୍ୟଗ୍ରହଣ ପାଇଁ ଆବେଦନ କରିଥିଲେ ବର୍ଷା। ନିମ୍ନ ଅଦାଲତରେ ଆବେଦନ ଅଗ୍ରାହ୍ୟ ହେବାରୁ ବର୍ଷା ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ। ତେବେ ବୁଧବାର ସେ ଏହି ଆବେଦନକୁ ପ୍ରତ୍ୟାହାର କରିଛନ୍ତି।

ଆସିଲା ବନ୍ୟା କ୍ଷୟକ୍ଷତି ରିପୋର୍ଟ

୧୪,୨୩୫ ଘର ,୧, ୨୬,୧୬୨ ହେକ୍ଟର ଚାଷ ଜମି କ୍ଷତିଗ୍ରସ୍ତ

ଭୁବନେଶ୍ୱର,୦୭/୦୯ (ନି.ପ୍ର): ଅଗଷ୍ଟ ମାସରେ ହୋଇଥିବା ବନ୍ୟା ଓ ବର୍ଷାରେ ୧୪ ହଜାରରୁ ଅଧିକ ବାସଗୃହ କ୍ଷତିଗ୍ରସ୍ତ ହୋଇଛି। ସେହିପରି ୧, ୨୬, ୧୬୨ ହେକ୍ଟର ଚାଷ ଜମି ଶତକଡା ୩୩ ଭାଗରୁ ଊର୍ଦ୍ଧ୍ୱ ଫସଲ ହାନିହୋଇଛି। ବୁଧବାର ରାଜ୍ୟ ସରକାରଙ୍କ ପକ୍ଷରୁ କ୍ଷୟକ୍ଷତି ରିପୋର୍ଟ ଜାରି କରି ଏହି ସୂଚନା ଦିଆଯାଇଛି। ଜିଲ୍ଲାପାଳମାନଙ୍କ କ୍ଷୟକ୍ଷତି ରିପୋର୍ଟକୁ ଭିତି କରି ବିଭିନ୍ନ ବାବଦକୁ ୧୨୮ କୋଟି ୫୮ ଲକ୍ଷ ଟଙ୍କା ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ମଞ୍ଜୁର କରାଯାଇଛି । ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ ସୂଚନା ଅନୁଯାୟୀ ଗତ ଅଗଷ୍ଟ ମାସର ଦ୍ୱିତୀୟ ଓ ତୃତୀୟ ସପ୍ତାହରେ ହୋଇଥିବା ବନ୍ୟା ଓ ପ୍ରବଳ ବୃଷ୍ଟିପାତ ଯୋଗୁଁ ରାଜ୍ୟର ୨୪ ଟି ଜିଲ୍ଲା ଯଥା: ଅନୁଗୁଳ, ବରଗଡ, ବୌଦ୍ଧ, ନୟାଗଡ, ସମ୍ବଲପୁର, ସୁବର୍ଣ୍ଣପୁର, କଟକ, ଜଗତସିଂହପୁର, କେନ୍ଦ୍ରାପଡା, ଖୋର୍ଦ୍ଧା, ପୁରୀ, ଭଦ୍ରକ ବାଲେଶ୍ୱର, ଯାଜପୁର, କେଉଁଝର, ମୟୁରଭଞ୍ଜ, ବଲାଙ୍ଗିର, ଝାରସୁଗୁଡା, କଳାହାଣ୍ଡି, କନ୍ଧମାଳ, କୋରାପୁଟ, ନବରଙ୍ଗପୁର, ନୂଆପଡା ଓ ସୁନ୍ଦରଗଡ ପ୍ରଭାବିତ ହୋଇଥିଲା । ବନ୍ୟା ଓ ପ୍ରବଳ ବୃଷ୍ଟିପାତ ଦ୍ୱାରା ହୋଇଥିବା କ୍ଷୟକ୍ଷତିର ଆକଳନ ସମ୍ପୃକ୍ତ ଜିଲ୍ଲା ଓ ବିଭାଗମାନଙ୍କୁ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ଜିଲ୍ଲାପାଳ ମାନଙ୍କଠାରୁ ପ୍ରାପ୍ତ କ୍ଷୟକ୍ଷତିର ଆକଳନର ତଥ୍ୟ ଅନୁଯାୟୀ ୧୪,୨୩୫ ଟି ବାସଗୃହ, ୧୨୩୬ ଟି ଗାଈ ଗୁହାଳ, ୫୦୩୬ ହେକ୍ଟର ଚାଷ ଜମି ବାଲିଚର, ୧୧୨୫ ଟି ଡଙ୍ଗା ଓ ଜାଲ, ୨୮.୩୮୨ ହେକ୍ଟର ମାଛ ପୋଖରୀ ଓ ୪୮୩.୧୪୫ ହେକ୍ଟର ମାଛ ଜାଁଳ ଚାଷ କ୍ଷତିଗ୍ରସ୍ତ ହୋଇଛି । ୧, ୨୬, ୧୬୨ ହେକ୍ଟର ▶▶ପୃଷ୍ଠା ୭

ରାଜପଥ ହେଲା କର୍ତ୍ତବ୍ୟପଥ : ଏନ୍‌ଡିଏମ୍‌ସି ପରିଷଦ ବଦଳାଇଲା ନାମ

ନୂଆଦିଲ୍ଲୀ, ୦୭/୦୯ : ରାଷ୍ଟ୍ରପତି ଭବନରୁ ନେଇ ଇଣ୍ଡିଆ ଗେଟ୍ ପର୍ଯ୍ୟନ୍ତ ଯିବାଆସିବା ରାସ୍ତା ରାଜପଥର ନାମ ବଦଳାଇ କର୍ତବ୍ୟପଥ କରିଦିଆ ଯାଇଛି। କେନ୍ଦ୍ରୀୟ ଆବାସ ଏବଂ ଶହରୀ ମାମଲାର ମନ୍ତ୍ରାଳୟ ପକ୍ଷରୁ ରାଜପଥର ନାମ ବଦଳିବାର ପ୍ରସ୍ତାବ ପ୍ରାପ୍ତ ହୋଇଥିଲା। ଏହି ପ୍ରସ୍ତାବକୁ ଆଜି ସକାଳେ ଏନଡିଏମ୍‌ସି ପରିଷଦର ହୋଇଥିବା ବୈଠକରେ ବଦଳାଯାଇଛି। ନୂଆଦିଲ୍ଲୀର ଜୟ ସିଂହ ମାର୍ଗ ସ୍ଥିତ ଏନ୍‌ଡିଏମ୍‌ସି ମୁଖ୍ୟାଳୟରେ ହୋଇଥିବା ବୈଠକରେ ମୀନାକ୍ଷୀ ଲେଖୀ, ସତୀଶ ଉପଧ୍ୟାୟ. କୁଲଜୀତ ଚହଲ ସହିତ ପ୍ରାୟ ସମସ୍ତ ସଦସ୍ୟ ବୈଠକରେ ସାମିଲ ହୋଇଥିଲେ। ଏହି ବୈଠକରେ ରାଜପଥର ନାମ ବଦଳିବା ପ୍ରସ୍ତାବ ଉପରେ ଚର୍ଚ୍ଚା ହୋଇଥିଲା ଏବଂ ପୁଣି ପ୍ରସ୍ତାବ ସର୍ବସମ୍ମତିରେ ପାରିତ କରିଦିଆ ଯାଇଥିଲା।

ଏସିଏଫ୍ ସୌମ୍ୟରଞ୍ଜନ ମୃତ୍ୟୁ ମାମଲାର ଶୁଣାଣି ସ୍ଥଗିତ

ଭୁବନେଶ୍ୱର,୦୭/୦୯ (ନି.ପ୍ର): ପାରଳାଖେମୁଣ୍ଡି ର ଏସିଏଫ୍ ସୌମ୍ୟରଞ୍ଜନ ମହାପାତ୍ର ମୃତ୍ୟୁ ମାମଲାରେ ଚାଲିଥିବା ଶୁଣାଣିରେ ରୋକ୍ ଲାଗିଛି । ପାରଳାଖେମୁଣ୍ଡି କୋର୍ଟଙ୍କ ଶୁଣାଣି ଉପରେ ହାଇକୋର୍ଟ ସ୍ଥଗିତାଦେଶ ଲଗାଇଛନ୍ତି। ମାମଲାରେ ନିୟମିତ ହାଜିରାକୁ ଚ୍ୟାଲେଂଜ କରି ମୃତ ସୌମ୍ୟଙ୍କ ପତ୍ନୀ ବିଦ୍ୟାଭାରତୀ ପିଟିସନ ଦାଖଲ କରିଥିଲେ। ଚାକିରି କରୁଥିବାରୁ ନିୟମିତ ହାଜର ହୋଇପାରିବେନି ବୋଲି ଦର୍ଶାଇ ବିଦ୍ୟା ଭାରତୀ କୋର୍ଟରେ ଆବେଦନ କରିଥିଲେ। ପାରଳାଖେମୁଣ୍ଡି କୋର୍ଟରେ ତାଙ୍କ ପିଟିସନ ଖାରଜ ହେବାରୁ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ । ପିଟିସନର ଶୁଣାଣି କରି ତଳ କୋର୍ଟରେ ଶୁଣାଣି ସ୍ଥଗିତ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ । ସୂଚନାଯୋଗ୍ୟ, ୨୦୨୧ ଜୁଲାଇ ୧୨ ତାରିଖ ରାତି ପ୍ରାୟ ୯ଟା ସମୟରେ ଏସିଏଫ୍ ସୌମ୍ୟରଞ୍ଜନ ମହାପାତ୍ର ପାରଳାଖେମୁଣ୍ଡି ସ୍ଥିତ ନିଜ ସରକାରୀ ବାସଭବନରେ ନିଆଁ ଲାଗି ପୋଡ଼ି ଯାଇଥିଲେ। ତାଙ୍କ ଶରୀରର ୯୦% ପୋଡିଯାଇଥିବା ବେଳେ ୧୩ ତାରିଖରେ ଏକ ଘରୋଇ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା । ହେଲେ ମୃତ୍ୟୁର ପ୍ରାୟ ଦେଢ଼ ବର୍ଷ ବିତିଯାଇଥିଲେ ବି ଏହାର ରହସ୍ୟ ଉପରୁ ପରଦା ହଟିପାରି ନାହିଁ ।

ପାକ୍ସୋ କୋର୍ଟ ବିଚାରପତି ସୁବାସ ବିହାରୀଙ୍କ ପୋଷ୍ଟମର୍ଟମ ରିପୋର୍ଟ ଆସିଲା

କଟକ, ୦୭/୦୯ (ନି.ପ୍ର):- କଟକ ପୋକ୍ସୋ କୋର୍ଟ ବିଚାରପତି ସୁବାସ ବିହାରୀଙ୍କ ପୋଷ୍ଟମର୍ଟମ ରିପୋର୍ଟ ସାମନାକୁ ଆସିଛି । ବେକରେ ରଶି ଲଗେଇବା ଯୋଗୁ ବିଚାରପତିଙ୍କ ମୃତ୍ୟୁ ହୋଇଥିବା ନେଇ ପୋଷ୍ଟମର୍ଟମ ରିପୋର୍ଟରେ ଉଲ୍ଲେଖ ହୋଇଛି। ରଶି ଯୋଗୁ ବେକର ବିଭିନ୍ନ ସ୍ଥାନରେ ଦାଗ ଥିବା ମଧ୍ୟ ରିପୋର୍ଟରେ ଉଲ୍ଲେଖ ରହିଛି । ମର୍କତନଗର ଥାନାକୁ ଏସସିବି ମେଡ଼ିକାଲ କର୍ତ୍ତୃପକ୍ଷ ପୋଷ୍ଟମର୍ଟମ ରିପୋର୍ଟ ହସ୍ତାନ୍ତର କରିଛନ୍ତି । ଉଲ୍ଲେଖନୀୟ ଯେ ପୋକ୍ସୋ କୋର୍ଟର ଅତିରିକ୍ତ ଜିଲ୍ଲା ଜଜ୍ ସୁବାସ କୁମାର ବିହାରୀଙ୍କ ଆତ୍ମହତ୍ୟା କରିବାର ଅଭିଯୋଗ ଆସିଥିଲା । ଏହା ପରେ ସୁବାସଙ୍କ ମା ତୁଳସୀ ବିହାରୀ ହତ୍ୟା ଅଭିଯୋଗ ଆଣିବା ପରେ ଘଟଣାଟି ନୂଆ ମୋଡ ନେଇଥିଲା ।

ବିଧାୟକ ଓ ପୂର୍ବତନ ବିଧାୟକଙ୍କ ସ୍ୱାସ୍ଥ୍ୟବୀମା ବୃଦ୍ଧି

ଭୁବନେଶ୍ୱର,୦୭/୦୯ (ନି.ପ୍ର): ରାଜ୍ୟର ବିଧାୟକ ବିଧାୟିକା ଏବଂ ପୂର୍ବତନ ବିଧାୟକ ବିଧାୟିକା ମାନଙ୍କ ସ୍ୱାସ୍ଥ୍ୟବୀମା ରାଶି ୫ ଲକ୍ଷରୁ ୧୦ ଲକ୍ଷକୁ ବୃଦ୍ଧି ପାଇଛି। ଏସମ୍ପର୍କିତ ପ୍ରସ୍ତାବକୁ ବିଧାନସଭା ବାଚସ୍ପତି ବିକ୍ରମ କେଶରୀ ଆରୁଖ ଅନୁମୋଦନ କରିଛନ୍ତି। ଏହାଫଳରେ ମନ୍ତ୍ରୀମଣ୍ଡଳର ସଦସ୍ୟମାନଙ୍କୁ ବାଦଦେଇ ୧୨୪ ଜଣ ବିଧାୟକ/ବିଧାୟିକା ଏବଂ ତାଙ୍କର ୮୮ ଜଣ ପତି/ପତ୍ନୀ, ଏହିପରି ମୋଟ ୨୧୨ ଜଣଙ୍କୁ ଏହି ବର୍ଦ୍ଧିତ ସ୍ୱାସ୍ଥ୍ୟବୀମାର ସୁବିଧା ମିଳିବ। ଏଥି ସହିତ ଓଡ଼ିଶା ବିଧାନସଭାର ୩୧୭ ଜଣ ପୂର୍ବତନ ବିଧାୟକ/ବିଧାୟିକା ଏବଂ ସେମାନଙ୍କର ୨୪୫ ଜଣ ପତି/ପତ୍ନୀ, ଏହିପରି ମୋଟ ୫୬୨ ଜଣ ଏହି ବର୍ଦ୍ଧିତ ସ୍ୱାସ୍ଥ୍ୟବୀମାର ସୁବିଧା ପାଇବେ । ଓଡ଼ିଶା ବିଧାନସଭାର ସଦସ୍ୟ/ ସଦସ୍ୟା ଏବଂ ପୂର୍ବତନ ସଦସ୍ୟ/ସଦସ୍ୟାମାନଙ୍କ ନିମନ୍ତେ ସରକାରଙ୍କ ତରଫରୁ ୨୦୧୨-୧୩ ଆର୍ଥିକ ବର୍ଷରୁ ରାଷ୍ଟ୍ରୀୟ ବୀମା କମ୍ପାନୀ ମାଧ୍ୟମରେ ସ୍ୱାସ୍ଥ୍ୟବୀମାର ସୁବିଧା ଯୋଗାଇ ଦିଆଯାଉଛି । ଚଳିତ ଆର୍ଥିକ ବର୍ଷ ପାଇଁ ମଧ୍ୟ ପ୍ରତ୍ୟେକ ସଦସ୍ୟ/ସଦସ୍ୟା ଏବଂ ପୂର୍ବତନ ସଦସ୍ୟ/ସଦସ୍ୟା ଏବଂ ସେମାନଙ୍କର ପତି/ ପତ୍ନୀଙ୍କ ନିମନ୍ତେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟବୀମା ସୁବିଧା ଦିଆଯାଉଥିଲା। ସ୍ୱାସ୍ଥ୍ୟସେବାର ବ୍ୟୟବୃଦ୍ଧି ଦୃଷ୍ଟିରୁ ବିଧାୟକ ଏବଂ ପୂର୍ବତନ ବିଧାୟକମାନେ ଏହି ସ୍ୱାସ୍ଥ୍ୟବୀମା ରାଶିର ପରିମାଣ ବୃଦ୍ଧି କରିବା ନିମନ୍ତେ ବାରମ୍ବାର ଦାବି କରିଆସୁଥିଲେ। ତଦନୁଯାୟୀ ବାଚସ୍ପତିଙ୍କ ନିର୍ଦ୍ଦେଶ କ୍ରମେ ଉକ୍ତ ସ୍ୱାସ୍ଥ୍ୟବୀମା ରାଶିକୁ ୫ ଲକ୍ଷ ଟଙ୍କାରୁ ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି କରିବା ନିମନ୍ତେ ପ୍ରସ୍ତାବ ରାଜ୍ୟ ସରକାରଙ୍କ ବିଚାର ନିମନ୍ତେ ଉପସ୍ଥାପନ କରାଯାଇଥିଲା ।

ପିଏମ୍‌ଶ୍ରୀ ସ୍କୁଲ ହେବ ଦେଶର ସର୍ବଶ୍ରେଷ୍ଠ ବିଦ୍ୟାଳୟ : ଧର୍ମେନ୍ଦ୍ର ପ୍ରଧାନ

ନୂଆଦିଲ୍ଲୀ/ଭୁବନେଶ୍ୱର,୦୭/୦୯ (ନି.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ପ୍ରଧାନମନ୍ତ୍ରୀ ସ୍କୁଲ ଫର୍ ରାଇଜିଂ ଇଣ୍ଡିଆ(ପିଏମଶ୍ରୀ) ଯୋଜନାକୁ ମଞ୍ଜୁର ଦିଆଯାଇଛି । ଏହି ଯୋଜନାରେ ସମଗ୍ର ଭାରତବର୍ଷରେ ବିକଶିତ ଓ ନବୀକରଣ ହେବାକୁ ଥିବା ପିଏମ ଶ୍ରୀ ସ୍କୁଲ ଦେଶର ସର୍ବଶ୍ରେଷ୍ଠ ବିଦ୍ୟାଳୟ ଭାବରେ ବିବେଚିତ ହେବ ବୋଲି ନୂଆଦିଲ୍ଲୀରେ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ସୂଚନା ଦେଇଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏହି ଅନୁମୋଦନ ପାଇଁ ପ୍ରଧାନମନ୍ତ୍ରୀଙ୍କୁ ଶ୍ରୀ ପ୍ରଧାନ ଧନ୍ୟବାଦ ଜଣାଇବା ସହ ଶ୍ରୀ ପ୍ରଧାନ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିଜେ ଗୁରୁ ଦିବସ ଅବସରରେ ପିଏମ ଶ୍ରୀ ଯୋଜନାର ଆନୁଷ୍ଠାନିକ ଭାବେ ଘୋଷଣା କରିଥିଲେ । ଆଜି ସେହି ଦିଗରେ ବୃହତ ପଦକ୍ଷେପ ସ୍ୱରୂପ ଦେଶରେ ଏକ ନୂଆ ମଡେଲ ଆଣିବା ପାଇଁ ପିଏମ ଶ୍ରୀ ଯୋଜନାକୁ କ୍ୟାବିନେଟ ଅନୁମୋଦନ ମିଳିଛି । ୨୦୨୨-୨୩ ରୁ ▶▶ପୃଷ୍ଠା ୭

୨୪ ଘଂଟାରେ ସୃଷ୍ଟି ହେବ ଲଘୁଚାପ, ୯ରୁ ବଢିବ ବର୍ଷା

ଭୁବନେଶ୍ୱର,୦୭/୦୯ (ନି.ପ୍ର): ପୂର୍ବକେନ୍ଦ୍ରୀୟ ପାର୍ଶ୍ୱବର୍ତୀ ଦକ୍ଷିଣପୂର୍ବ ବଙ୍ଗୋପସାଗର ଅଂଚଳରେ ବୁଧବାର ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି,ଏହା ସମୁଦ୍ରପତନ ଠାରୁ ବାୟୁମଣ୍ଡଳର ୫.୮କିମି ଉଚ୍ଚତା ଯାଏଁ ବ୍ୟାପିଛି । ଏହାର ପ୍ରଭାବରେ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗର ଅଂଚଳରେ ଆଗାମୀ ୨୪ଘଂଟା ମଧ୍ୟରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ଏଥିଯୋଗୁଁ ବୁଧବାର ଠାରୁ ବିଭିନ୍ନ ଜିଲ୍ଲାରେ ବର୍ଷା ଆରମ୍ଭ ହୋଇଯାଇଛି। ତେବେ ୯ ତାରିଖରୁ ▶▶ପୃଷ୍ଠା ୭

ବାଲେଶ୍ୱର ଏଲଆଇସି ଶାଖାର ବୀମା ସପ୍ତାହ ଉଦ୍‌ଯାପିତ

ବାଲେଶ୍ୱର,୦୭/୦୯ (ନି.ପ୍ର): ଭାରତୀୟ ଜୀବନ ବୀମା ନିଗମ (ଏଲଆଇସି)ର ବାଲେଶ୍ୱର ଶାଖା ପକ୍ଷରୁ ଚାଲିଥିବା ବୀମା ସପ୍ତାହ ବୁଧବାର ଉଦଯାପିତ ହୋଇଯାଇଛି। ଉଦଯାପନ ଅବସରରେ ଆୟୋଜିତ ସାଧାରଣ ସଭାରେ ଅର୍ଥଶାସ୍ତ୍ର ବିଶେଷଜ୍ଞ ପ୍ରଫେସର ରମେଶ ଚନ୍ଦ୍ର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦେଶବାସୀଙ୍କୁ ଅର୍ଥନୈତିକ କ୍ଷେତ୍ରରେ ଏଲଆଇସି ନିରନ୍ତର ସୁରକ୍ଷା ଓ ସେବା ପ୍ରଦାନ କରିଚାଲିଛି ବୋଲି କହିଥିଲେ। ଉତ୍ସର୍ଗୀକ

କାର ସହ ୭୦ କିଲୋ ଗଞ୍ଜେଇ ଜବତ, ଡ୍ରାଇଭର ଫେରାର

କନ୍ଧମାଳ,୭/୦୯ (ନି.ପ୍ର): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଗୋଛାପଡା ପୋଲିସ ଏକ କାର କୁ ଜବତ କରିବା ସହ କାର ରୁ ୭୦ କିଲୋ ଗଞ୍ଜେଇ ଜବତ କରିଥିବା ବେଳେ ଘଟଣା ସ୍ଥଳରୁ କାର ର ଡ୍ରାଇଭର ଫେରାର ହୋଇଯାଇଥିବା ଶୁଚନା ମିଳିଛି । ତେବେ ଗୋଛାପଡା ଥାନା ଅଧିକାରୀ ରଞ୍ଜିତ କୁମାର ମୁନି ତାଙ୍କ ଟିମ ସହ ପେଟ୍ରୋଲିଂ କରୁଥିବା ସମୟରେ ଗେଛାପଡା ଥାନା ଜାରୁଗାଣ୍ଡା ଗ୍ରାମ ନିକଟରେ ଏକ ଦ୍ରୁତ ଗତିରେ ଆସୁଥିବା କାର କୁ ଅଟକାଇ ଯାଂଚ କରିଥିଲେ । କାର ର ଆଗପଟ ନମ୍ବର ରେ ଧଳା ପଟି ମାରିଦିଆଯଇଥିବା ବେଳେ କାର ର ପଛପଟେ ର ନମ୍ବର ଜେଏଚ ୦୧ ୟୁ ୩୨୩୪ ଲେଖାଅଛି । କାର କୁ ଯାଂଚ କରିବା ସମୟରେ କାର ଭିତରୁ ୭୦ କିଲୋ ଗଞ୍ଜେଇ ବାହାରିଛି । ତେବେ ପୋଲିସ ର ପୋଲିସ କୁ ଦେଖି କାର ର ଡ୍ରାଇଭର ଘଟଣାସ୍ଥଳରୁ ଫୋରାର ହୋଇଯାଇଥିବା ବେଳେ ଏହି ଘଟଣା ସଂକ୍ରାନ୍ତରେ ଗେଛାପଡା ଥାନା ରେ ୧୧୦/୨୦୨୨ ରେ ଏକ ମାମାଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖା ଯାଇଥିବା ଥାନା ଅଧିକାରୀ ରଞ୍ଜିତ କୁମାର ମୁନି ସୁଚନା ଦେଇଛନ୍ତି ।

ତୃତୀୟ ଡୋଜ୍ ଟିକା ନେବାକୁ ଅମଙ୍ଗ : ନେଇଛନ୍ତି ମାତ୍ର ୩,୪୩,୧୨୭ ଜଣ

ରାଉରକେଲା,୭/୦୯ (ନି.ପ୍ର): କୋଭିଡ୍ ଟିକା ନେବାକୁ ରାଜ୍ୟ ସରକାରଙ୍କଠାରୁ ଆରମ୍ଭକରି ଜିଲ୍ଲା ପ୍ରଶାସନ ପର୍ଯ୍ୟନ୍ତ; ବାରମ୍ବାର ନିବେଦନ କରାଯାଉଛି । କିନ୍ତୁ ଜନସାଧାରଣ ଚିରାଚରିତ ଅବହେଳା ଜାରି ରଖିଛନ୍ତି । ସମୟ ଅତିକ୍ରମ କରିସାରିଥିଲେ ମଧ୍ୟ ଟିକା ନେଉନାହାନ୍ତି । ବିଶେଷକରି ତୃତୀୟ ଡୋଜ୍ ବା ପ୍ରିକସନାରୀ ଡୋଜ୍ ନେବାକୁ ଲୋକେ ଅମଙ୍ଗ ହେଉଥିବା ଦେଖିବାକୁ ମିଳୁଛି । ସେପଟ୍ଟେମ୍ବର ଶେଷ ସୁଦ୍ଧା ମାଗଣା ଟିକା ବ୍ୟବସ୍ଥା କରାଯାଇଥିବାରୁ ଏସମୟରେ ଟିକା ନେବାକୁ ପ୍ରଶାସନ ପକ୍ଷରୁ ନିବେଦନ କରାଯାଇଛି ।

ସୁନ୍ଦରଗଡ଼ ଜିଲ୍ଲାରେ କୋଭିଡ୍ ଟିକାଦାନ ଆରମ୍ଭ ହେବା ଦିନଠାରୁ ଆଜି ପର୍ଯ୍ୟନ୍ତ, ମୋଟ୍ ୩୩ ଲକ୍ଷ ୯୧ ହଜାର ୯ଟି ଟିକା ଦିଆଯାଇଛି । ଏଥିମଧ୍ୟରୁ ୧୬ ଲକ୍ଷ ୯ ହଜାର ୧୮୩ଟି ପ୍ରଥମ ଡୋଜ୍ ଦିଆଯାଇଥିବାବେଳେ ୧୪ ଲକ୍ଷ ୨୮ ହଜାର ୬୯୯ଟି ଦ୍ୱିତୀୟ ଡୋଜ୍ ଦିଆଯାଇଛି । ଉଲ୍ଲେଖଯୋଗ୍ୟ, ପ୍ରଥମ ଡୋଜ୍ ନେଇସାରିଥିବା ବ୍ୟକ୍ତିଙ୍କ ମଧ୍ୟରୁ ଏଯାବତ୍ ୧ ଲକ୍ଷ ୮୦ ହଜାର ୩୮୪ ଜଣ ଦ୍ୱିତୀୟ ଡୋଜ୍ ଟିକା ନେଇନାହାନ୍ତି । ଦ୍ୱିତୀୟ ଡୋଜ୍ ଟିକା ନେବାରେ ଅବହେଳା ପ୍ରଦର୍ଶନ କରୁଥିବା ବ୍ୟକ୍ତି ଯେ ତୃତୀୟ ଡୋଜ୍ ଟିକା ନେବାକୁ ଆଗ୍ରହୀ ହେବେ, ଆଶା କରାଯାଇନପାରେ । ଏହା ହିଁ ପରିଲକ୍ଷିତ ହୁଏ । ଆଜି ପର୍ଯ୍ୟନ୍ତ ମାତ୍ର ୩ ଲକ୍ଷ ୪୩ ହଜାର ୧୨୭ ଜଣ ହିଁ ତୃତୀୟ ଡୋଜ୍ ଟିକା ନେଇଛନ୍ତି । ଏହି ସଂଖ୍ୟା ନିଶ୍ଚିତଭାବରେ ନୈରାଶ୍ୟଜନକ । ଅଧିକରୁ ଅଧିକ ସଂଖ୍ୟକ ବ୍ୟକ୍ତି ତୃତୀୟ ଡୋଜ୍ ଟିକା ନେବାକୁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବ୍ୟାପକ ସଚେତନ କରାଯାଉଛି । ଏମିତିକି ଟିକା ନେବାକୁ ଯୋଗ୍ୟ ବ୍ୟକ୍ତିଙ୍କୁ ଫୋନ୍ କରି ସୂଚନା ବି ଦିଆଯାଉଛି; ତଥାପି ଲୋକେ ଆଗ୍ରହ ପ୍ରକାଶ କରୁନାହାନ୍ତି । ଏନେଇ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡା. ସରୋଜ କୁମାର ମିଶ୍ର କହିଲେ, ଏଯାଏଁ କୋଭିଡ୍ ମହାମାରୀ ସଂପୂର୍ଣ୍ଣଭାବେ ଦୂର ହୋଇନି । କିନ୍ତୁ ଜନସାଧାରଣ ଏ ଦିଗକୁ ସଂପୂର୍ଣ୍ଣ ଅଣଦେଖା କରୁଛନ୍ତି । ନିଜେ ସଚେତନ ହେବାସହ ଅନ୍ୟକୁ ସଚେତନ କରି ବ୍ୟାପକ ମାତ୍ରାରେ ଟିକା ନେବା ନିତାନ୍ତ ଜରୁରୀ । ଟିକାଦାନ ମାତ୍ରାରେ ବୃଦ୍ଧି ଆଣିବାକୁ ବ୍ୟାପକ ପ୍ରୟାସ କରାଯାଉଛି । ଏଥିରେ ଜନସାଧାରଣ ସ୍ୱେଚ୍ଛାକୃତଭାବେ ସାମିଲହେବା ଉଚିତବୋଲି କହିଛନ୍ତି ।

ସୂଚନାଯୋଗ୍ୟ, ସଂପ୍ରତି ଜିଲ୍ଲାର ୭୪ଟି କେନ୍ଦ୍ରରେ ଟିକା ଦିଆଯାଉଛି । ଏଥିମଧ୍ୟରୁ ୭୨ଟି ସରକାରୀ କେନ୍ଦ୍ର ଥିବାବେଳେ ଦୁଇଟି ବେସରକାରୀ ହସପିଟାଲରେ ମଧ୍ୟ ଟିକାଦାନ ଚାଲିଛି । ଏପର୍ଯ୍ୟନ୍ତ ମୋଟ୍ ୩୩ ଲକ୍ଷ ୮୧ ହଜାର ୯ ଟି ଟିକା ଦିଆଯାଇଥିବାବେଳେ ଏଥିମଧ୍ୟରୁ ୧୫ ଲକ୍ଷ ୨୩ ହଜାର ୯୨୫ ଟିକା ପୁରୁଷଙ୍କୁ ଓ ୧୫ ଲକ୍ଷ ୧୩ ହଜାର ୩୯୧ ଟିକା ମହିଳାଙ୍କୁ ଦିଆଯାଇଛି । ଏତଦ୍‌ବ୍ୟତୀତ ୫୬୬ଟି ଟିକା ଜିଲ୍ଲାରେ ବସବାସ କରୁଥିବା କିନ୍ନରଙ୍କୁ ଦିଆଯାଇଛି । ୬୦ରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକଙ୍କୁ ୪ ଲକ୍ଷ ୧୨ ହଜାର ୯୩୩ଟି ଟିକା ଦିଆଯାଇଥିବାବେଳେ ୪୫-୫୯ ବର୍ଷ ବର୍ଗର ବ୍ୟକ୍ତିଙ୍କୁ ୬ ଲକ୍ଷ ୭୪ ହଜାର ୭୧୪ ଟିକା, ୧୮ରୁ ୪୪ ବର୍ଷ ବୟସ୍କଙ୍କୁ ୧୭ ଲକ୍ଷ ୪୨ ହଜାର ୧୮୯ଟି ଟିକା, ୧୫ରୁ ୧୭ ବର୍ଷ ବୟସ୍କଙ୍କୁ ୧ ଲକ୍ଷ ୮୦ ହଜାର ୮୧୬ଟି ଟିକା ଏବଂ ୧୨ରୁ ୧୪ ବର୍ଷର ନାବାଳକ ନାବାଳିକାଙ୍କୁ ୧ ଲକ୍ଷ ୧୮ହଜାର ୪୨୧ଟି ଟିକା ଦିଆଯାଇଛି । ଜିଲ୍ଲାରେ ସର୍ବାଧିକ କୋଭିସିଲ୍ଡ ଟିକା ଦିଆଯାଇଛି । ମୋଟ୍ ୩୦ ଲକ୍ଷ ୩୧ ହଜାର ୬୩୫ ଟି କୋଭିସିଲ୍ଡ ଟିକା ଦିଆଯାଇଥିବାବେଳେ ୨ ଲକ୍ଷ ୨୬ ହଜାର ୬୯ଟି କୋଭାକ୍ସିନ ଟିକା ଓ ୧ ଲକ୍ଷ ୧୮ ହଜାର ୪୨୧ଟି କୋର୍ବେଭାକ୍ସ ଟିକା ଦିଆଯାଇଛି ।

ରାଜ୍ୟରେ ମହିଳା ନିର୍ଯାତନା ବୃଦ୍ଧିକୁ ନେଇ ବିଜେପି ମହିଳା ମୋର୍ଚ୍ଚା ପକ୍ଷରୁ ଆନ୍ଦୋଳନ ପାଇଁ ପ୍ରସ୍ତୁତି

ମାଲକାନଗିରି,୭/୦୯ (ନି.ପ୍ର): ବିଜେପି ମହିଳା ମୋର୍ଚ୍ଚାର ରାଜ୍ୟ ସାଧାରଣ ସମ୍ପାଦିକା ବବିତା ପାତ୍ରଙ୍କ ଉପସ୍ଥିତିରେ ମାଲକାନଗିରି ଟାଉନ ହଲରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଅଛି । ବୈଠକରେ ରାଜ୍ୟରେ ମହିଳା ବିରୋଧୀ ହିଂସା, ମହିଳା ଅସଦାଚରଣ, ବଳାତ୍କାର, ନାବାଳିକା ଯୌନ ନିର୍ଯାତନା, ମହିଳା ଉତ୍ପୀଡନ, ସାଇବର କ୍ରାଇମ, ମାନବ ଚାଲାଣ, ପୂର୍ବ ବର୍ଷ ଅପେକ୍ଷା ବୃଦ୍ଧି ପାଇବା ଉପରେ ଉଦବେଗ ପ୍ରକାଶ ପାଇଥିଲା ଏବଂ ଏହା ଅତି ଚିନ୍ତା ଓ ଲଜ୍ଜା ଜନକ ବୋଲି ଶ୍ରୀମତୀ ପାତ୍ର କହିଥିଲେ । ଆଦିବାସୀ ଅଧ୍ୟୁଷିତ ଏହି ଅଂଚଳରେ ଆଦିବାସୀ ଆବାସିକ ବିଦ୍ୟାଳୟ ମାନଙ୍କରେ ନାବାଳିକାଙ୍କୁ ଯୌନ ନିର୍ଯାତନା, ମହିଳା ମାନଙ୍କୁ ଦେହ ବ୍ୟବସାୟ ପାଇଁ ବାହାର ରାଜ୍ୟ ଓ ଦେଶକୁ ଚାଲାଣ, ଅପହରଣ, ଧର୍ଷଣ ଓ ହତ୍ୟା ଭଳି ଜଘନ୍ୟ ଘଟଣା ମାନ ବୃଦ୍ଧି ପାଉଛି । ଶିକ୍ଷା ଓ ସଚେତନତାର ଅଭାବ ହେତୁ ବାଲ୍ୟ ବିବାହ ଭଳି ପ୍ରଥାର ବଶବର୍ତ୍ତୀ ହୋଇ ନାବାଳିକା ମାନଙ୍କୁ ନିର୍ଯାତନା ଦିଆଯାଉଛି । ଏନସିଆରବି ରିପୋର୍ଟ ଅନୁସାରେ, ରାଜ୍ୟରେ ମହିଳା ଅପହରଣ ୩୭%, ମହିଳା ଅସଦାଚରଣ ୧୭.୮%, ବଳାତ୍କାର ୨୦.୨୩%, ନାବାଳିକା ଯୌନ ନିର୍ଯାତନା ୧୩.୩୫% ଥିବା ବେଳେ ଏହି ଜିଲ୍ଲା ରେ ଯଥେଷ୍ଟ ଅଧିକ ଅଛି । ସବୁଠାରୁ ଆଶ୍ଚର୍ଯ୍ୟ ଓ ଦୁଃଖର ବିଷୟ ହେଉଛି, ପୋଲିସ ପ୍ରଶାସନର ନିଷ୍କ୍ରିୟତା ଓ ଉଦାସୀନତା । ସରକାରୀ ଦଳର ହାତବାରିସୀ ହୋଇ ନିରିହ ପିଡୀତା ମାନଙ୍କୁ ନ୍ୟାୟ ଦେବା ପରିବର୍ତେ ସରକାରୀ ଦଳର ନେତାଙ୍କୁ ସୁହାଇଲା ଭଳି କାର୍ଯ୍ୟ କରୁଛି । ଯଦ୍ୱାରା ଲୋକଙ୍କ ପୁଲିସ ପ୍ରଶାସନ ଠାରୁ ଭରସା ଉଠିଯାଉଛି ଏବଂ ୫୦% ପିଡିତା ଅଭିଯୋଗ ଜଣାଇବାକୁ ଥାନାକୁ ଆସୁନାହାନ୍ତି । ଆଜି ମଧ୍ୟ ୯୯% ପିଡିତା ନ୍ୟାୟ ପାଇବା ଅପେକ୍ଷାରେ ରହିଛନ୍ତି । ରାଜ୍ୟରେ ନାରୀ ସମାଜକୁ ସମ୍ମାନ, ସୁରକ୍ଷା, ନ୍ୟାୟ ଦାବିରେ, ଭାରତୀୟ ଜନତା ପାର୍ଟି ରାଜ୍ୟ ମହିଳା ମୋର୍ଚ୍ଚା ସଭାନେତ୍ରୀ ଶ୍ରୀମତୀ ସ୍ମୃତି ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ ଆଗାମୀ ସେପଟ୍ଟେମ୍ବର ୭ ଓ ୮ ତାରିଖରେ ଜିଲ୍ଲା ମହିଳା ମୋର୍ଚ୍ଚା ଆନ୍ଦୋଳନକୁ ଓହ୍ଲାଇବ ।

ହବିଷ୍ୟାଳିଙ୍କ ପାଇଁ ୧୦ରୁ ୨୫ ପଞ୍ଜିକରଣ

ପୁରୀ,୭/୦୯ (ନି.ପ୍ର): ଚଳିତବର୍ଷ ଅଢେଇ ହଜାର ହବିଷ୍ୟାଳିଙ୍କ ପାଇଁ ହବିଷ୍ୟାଳି ଶିବିର ଅନୁଷ୍ଠିତ ହେବ । ଏଥିପାଇଁ ସେପ୍ଟେମ୍ବର ୧୦ ତାରିଖରୁ ୨୫ ତାରିଖ ମଧ୍ୟରେ ହବିଷ୍ୟାଳିମାନେ ସେମାନଙ୍କ ନାମ ପଞ୍ଜିକରଣ କରିବେ । ସେପ୍ଟେମ୍ବର ୮ରେ ଏ ସଂପର୍କରେ ସବିଶେଷ ବିବରଣୀ ବିଜ୍ଞପ୍ତି ଆକାରରେ ପ୍ରକାଶ ପାଇବ । ଆସନ୍ତା ଅକ୍ଟୋବର ୧୦ରୁ କାର୍ତିକ ବ୍ରତ ଆରମ୍ଭ ହେଉଛି । ଚଳିତବର୍ଷ ସ୍ଥାୟୀ ହବିଷ୍ୟାଳି ଶିବିରରେ ବ୍ରତଧାରୀମାନେ ରହିବେ । ବୃନ୍ଦବତୀ ଭବନରେ ହବିଷ୍ୟାଳିମାନେ ପହଞ୍ଚିବା ପରେ ଏହାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିବେ । ଆବଶ୍ୟକ ପଡ଼ିଲେ ରେଳବାଇ ଯାତ୍ରୀ ବିଶ୍ରାମଗାରରେ ଅସ୍ଥାୟୀ ଶିବିର କରାଯିବ । ପ୍ରତି ଜିଲ୍ଲାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ସେହି ଜିଲ୍ଲାର ହବିଷ୍ୟାଳିମାନେ ପଞ୍ଜିକରଣ କରିବେ । ହବିଷ୍ୟାଳିମାନେ ବୁଷ୍ଟର ଡ଼ୋଜ ନେଇଥିଲେ ସେମାନଙ୍କୁ ଗ୍ରହଣ କରାଯିବ ।

କାଇଁଚ ଶିଳ୍ପର ବିକାଶ ପାଇଁ ୮୦୦ ମହିଳାଙ୍କୁ ଦିଆଯିବ ତାଲିମ

କେନ୍ଦ୍ରାପଡ଼ା,୭/୦୯ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲାରେ କାଇଁଚ ଶିଳ୍ପର ବିକାଶ ପାଇଁ ୮୦୦ ମହିଳାଙ୍କୁ ତାଲିମ ପ୍ରଦାନ କରାଯିବ । କେନ୍ଦ୍ରାପଡା ବ୍ଲକର ଆୟବା ଫଂଚାୟତ ସମେତ ୪୦ଟି କେନ୍ଦ୍ରରେ ସଂକଳ୍ପ ଯୋଜନା ମାଧ୍ୟମରେ ୮୦୦ ମହିଳାଙ୍କୁ ତାଲିମ ପ୍ରଦାନ କରାଯିବ । ଗ୍ରାମାଂଚଳର ଏହି ମହିଳା ମାନେ ସ୍ୱାବଲମ୍ବୀ ହେବା ସହ ରୋଜଗାରକ୍ଷମ ହୋଇ ପାରିବେ ବୋଲି କେନ୍ଦ୍ରାପଡା ଜିଲ୍ଲା ହସ୍ତଶିଳ୍ପ ବିଭାଗର ସହକାରୀ ନିର୍ଦ୍ଦେଶକ ଅଜିତ୍ ପ୍ରସାଦ ଭୋଇ ମତବ୍ୟକ୍ତ କରିଛନ୍ତି । ୩ ମାସ ଧରି ଏହି ତାଲିମ କେନ୍ଦ୍ରରେ ତାଲିମ ଦିଆଯିବ । ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ମନ୍ଦରଧର ମାହାଳିକ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ କାରିଗରମାନଙ୍କୁ ଉତ୍ସାହିତ କରିବା ସହ ସମସ୍ତଙ୍କୁ ଟୁଲ କିଟ୍ ପ୍ରଦାନ କରିଥିଲେ । ସଂକଳ୍ପ ପ୍ରକଳ୍ପ ନିର୍ଦ୍ଦେଶିକା ତାନିଆ ସିଂହ, ଦିଲିପ କୁମାର ଦାସ, ଯୁଧିଷ୍ଠିର ସାହୁ, ଓମ୍ ଜ୍ଞାନ ପ୍ରକାଶ, ସରପଂଚ କାଦମ୍ବିନୀ ବିଶ୍ୱାଳ ଓ ମନଗରମା ବିଶ୍ୱାଳ ପ୍ରମୁଖ ଏଥିରେ ଯୋଗ ଦେଇଥିଲେ ।

ବ୍ଲକସ୍ତରୀୟ ଗୁରୁ ଦିବସରେ ମୁଁ ଲେଖିବି, ମୁଁ ପଢ଼ିବି କାର୍ଯ୍ୟକ୍ରମ

କନ୍ଧମାଳ,୭/୦୯ (ନି.ପ୍ର): ଗୁରୁ ଦିବସ ଅବସରରେ ସ୍ଥାନୀୟ ଏ ଜେ ଓ ହାଇସ୍କୁଲ ଠାରେ ବ୍ଲକସ୍ତରୀୟ ମୁଁ ପଢ଼ିବି ମୁଁ ଲେଖିବି କାର୍ଯ୍ୟକ୍ରମ ଆୟୋଜନ କରାଯାଇ ଛାତ୍ର ଛାତ୍ରୀଙ୍କୁ ଉତ୍ସାହିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଫୁଲବାଣୀ ବ୍ଲକ ଶିକ୍ଷା ଅଧିକାରୀ ରଞ୍ଜନ କହଁର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହି କାର୍ଯ୍ୟକ୍ରମ ପିଲାଙ୍କ ଦକ୍ଷତା ବୃଦ୍ଧିକରିବା ସହ ପାଠ ପ୍ରତି ଅଧିକ ଆଗ୍ରହ ସୃଷ୍ଟି କରିବ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏବି ଇ ଓ ଅମୁଲ୍ୟ କୁମାର ଜେନା, ଅଶୋକ ମିଶ୍ରଙ୍କ ସମେତ ସମସ୍ତ ସି ଆର ସି ସି, ବ୍ଲକ ଅନ୍ତର୍ଗତ ୧୩ଟି କ୍ଲଷ୍ଟରର କୋଡିଏ ଜଣ ଛାତ୍ରଛାତ୍ରୀ ଓ ଗାଇଡ଼ ଟିଚର ଉପସ୍ଥିତ ଥିଲେ । ଛାତ୍ରଛାତ୍ରୀମାନେ ନିଜସ୍ୱ ଢଙ୍ଗରେ ଲେଖିଥିବା ବିଷୟକୁ ସମସ୍ତଙ୍କ ସମ୍ମୁଖରେ ନିର୍ଭୁଲ ଭାବରେ ପଢିଥିଲେ । ଏହାଦ୍ୱାରା ଛାତ୍ର ଛାତ୍ରୀଙ୍କ ଅନ୍ତର୍ନିହିତ ଜ୍ଞାନ ବୃଦ୍ଧି ହେବାସହ ନିଜ ଭାଷା ଅଧିକ ସୁଦୃଢ଼ ହୋଇପାରିବ ବୋଲି ଅତିଥି ମାନେ କହିଥିଲେ । ଶେଷରେ ସମସ୍ତ ଛାତ୍ର ଛାତ୍ରୀଙ୍କୁ ମୁଖ୍ୟ ଅତିଥି ବ୍ଲକ ଶିକ୍ଷା ଅଧିକାରୀ ରଞ୍ଜନ କହଁର ପୁରସ୍କୃତ କରିଥିଲେ । ଆଗକୁ ଅଧିକରୁ ଅଧିକ ଛାତ୍ରଛାତ୍ରୀ ମାନେ ଏଥିରେ ସାମିଲ ଯେପରି ହେବେ ସେଥିପ୍ରତି ଶିକ୍ଷକ ଶିକ୍ଷୟତ୍ରୀମାନେ ଆନ୍ତରିକତାର ସହ ଉଦ୍ୟମ କରିବା ଲାଗି ମୁଖ୍ୟ ଅତିଥି କହଁର ପରାମର୍ଶ ଦେଇଥିଲେ ।

କୋସଲ ରାଜ୍ୟ ଗଠନ ବିନା ପଶ୍ଚିମ ଓଡିଶା ଓ କେ.ବି.କେ ଅଂଚଳର ବିକାଶ ଅସଂଭବ : ପ୍ରମୋଦ କୁମାର ମିଶ୍ର

ବଲାଙ୍ଗିର,୭/୦୯ (ନି.ପ୍ର): ଦୀର୍ଘ ୩ ଦଶକ ହେଲା କୋସଲ ରାଜ୍ୟ ଦାବୀ ହେଉଛି । ବିଶେଷ କରି ୧୯୯୮ ମସିହାରେ କୋସଲ ଏକତା ମଂଚ ଗଠନ ହେଲା ପରେ ଏହି ଆନ୍ଦୋଳନ ସଂଗଠିତ ରୂପ ନେଇଥିଲା । ୨୦୦୦ ମସିହାର ବ୍ରଜରାଜ ନଗର ମହାସମ୍ମିଳନୀ ପରେ ସ୍ୱତନ୍ତ୍ର କୋସଲ ରାଜ୍ୟ ଆନ୍ଦୋଳନ ଓ ଦାବୀ ସଂପ୍ରସାରିତ ହେବାରେ ଲାଗିଛି । ପରେ ପରେ କୋସଲ ଦାବୀ ନେଇ ଅନେକ କାର୍ଯ୍ୟକ୍ରମ ହେଲା । ବିଭିନ୍ନ ସମୟରେ ଧରଣା, ବିକ୍ଷୋଭ, ରେଲ ରୋକୋ, ଜାତୀୟ ରାଜପଥ ଅବରୋଧ, ବିଧାନସଭା ଘେରାଓ, ରାଜଭବନ ଆଗରେ ଧାରଣ, ଦିଲ୍ଲୀରେ ବିକ୍ଷୋଭ ଇତ୍ୟାଦି ଅନେକ କାର୍ଯ୍ୟକ୍ରମ ଓ ହଜାର ହଜାର ସଭା ସମିତି ହୋଇଛି । ଏଭଳିକି ପ୍ରଧାନମନ୍ତ୍ରୀ ଙ୍କ କୋଶଲାଂଚଳ ଗସ୍ତ ସମୟରେ ଅନେକ ଥର ପ୍ଲାକାର୍ଡ ମଧ୍ୟ ହୋଇଛି । ନିକଟ ଅତିତରେ ସୋସିଆଲ ମିଡିଆରେ ସଂଯୁକ୍ତ ହୋଇ ଅନେକ ଯୁବକ ଭିନ୍ନ ଭିନ୍ନ ସଂଗଠନ ନାଁରେ କିଛି କିଛି କାର୍ଯ୍ୟକ୍ରମମାନ ମଧ୍ୟ କରୁଛନ୍ତି । ଆନ୍ଦୋଳନର ଜନାଧାର ବଢାଇବା ପାଇଁ ୨୦୧୩ ମସିହାରେ ଶତାଧିକ ସାମାଜିକ / ସାଂସ୍କୃତିକ ସଂଗଠନ ଓ ଜାତି ସମାଜ କୁ ନେଇ କୋସଲ ରାଜ୍ୟ ସମନ୍ୱୟ ସମିତି ଗଠନ ହୋଇଥିଲେ ଏବଂ ୨୦୧୩, ୨୦୧୪, ୨୦୧୫, ୨୦୧୬ ଓ ୨୦୧୮ ମସିହାରେ କୋଲ ମହାବନ୍ଦ ପାଳିତ ହୋଇଥିଲା । ଯାହାଦ୍ୱାରାକୁ ଆନ୍ଦୋଳନର ସ୍ୱର ଦିଲ୍ଲୀ ଦରବାରକୁ ପହଞ୍ଚିଥିଲା । ୧୯୩୬ ମସିହା ଓଡିଶା ରାଜ୍ୟ ଗଠନ ଓ ୧୯୪୮ ମସିହାର ଗଡଜାତ ମିଶ୍ରଣ ପରେ କୋଶଲାଂଚଳ କୁ କ୍ରମାଗତ ଭାବରେ କରାଯାଇଥିବା ଉପେକ୍ଷା ଓ ଦେଖାଯାଉଥିବା ଉଗ୍ର ଆଂଚଳିକ ବୈଷମ୍ୟ ଫଳରେ ଏ ଅଂଚଳ ର ଚଳିତଚଳାନ୍ତ ହୋଇଯାଇଛି । ଫଳରେ ଏ ଅଂଚଳର ଯୁବକ /ଛତ୍ର, ଚାଷୀ, ଶ୍ରମିକ, ମହିଳା, ଶିଶୁ ଓ ବୁଦ୍ଧିଜିବି ଗଭିର ବିଷାଦରେ ରହିଛନ୍ତି । ଏଭଳି ସ୍ଥଳରେ ସ୍ୱତନ୍ତ୍ର କୋସଲ ପ୍ରଦେଶ ଗଠନ ଛଡା ଅନ୍ୟ କିଛି ପଦକ୍ଷେପ ଏ ଅଂଚଳର ବିକାଶ କରିପାରିବ ନାହିଁ ।

ଜଗବନ୍ଧୁ ଜରାଶ୍ରମ ତରଫରୁ ପ୍ରତିଭା ସମ୍ମାନ ଓ ଗୁରୁ ପୂଜନ ଅନୁଷ୍ଠିତ

ଭୁବନ,୭/୦୯ (ନି.ପ୍ର): ଭୁବନର ଅନନ୍ୟ ତଥା ନିଆରା ସ୍ୱେଚ୍ଛାସେବୀ ଅନୁଷ୍ଠାନ ଜଗବନ୍ଧୁ ଜରାଶ୍ରମ ତରଫରୁ ପବିତ୍ରଗୁରୁ ଦିବସ ଅବସରରେ ପ୍ରତିଭା ସମ୍ମାନ ଓ ଗୁରୁ ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜରାଶ୍ରମ ସଂପାଦକ ଯୁବ ସମାଜସେବୀ ଆଶୁତୋଷମିଶ୍ରଙ୍କ ସଂଯୋଜନାରେ ଶାସନ ଉପ୍ରା ବିଦ୍ୟାଳୟ ଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷୟିତ୍ରୀ ରେଣୁବାଳା କର ଅଧକ୍ଷତା କରିଥିଲେ । ମୁଖ୍ୟଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ୍ ଚୈତନ୍ୟ ମିଶ୍ର ଯୋଗଦେଇ ପୁରସ୍କାର ଦ୍ୱାରା ଛାତ୍ରଛାତ୍ରୀଙ୍କ ମନୋବଳ ବୃଦ୍ଧି ପାଇବାସହ ପାଠପଢା ପ୍ରତି ଆଗ୍ରହ ସୃଷ୍ଟି ହୋଇଥାଏ ବୋଲି ମତବ୍ୟକ୍ତ କରିଥିଲେ । ମୁଖ୍ୟବକ୍ତା ଭାବେ ଏବିଇଓ ରାଜଲକ୍ଷ୍ମୀ ଟୁଡୁ ଜରାଶ୍ରମର ଏହି ପ୍ରୟାସକୁ ଉଚ୍ଚ ପ୍ରଶଂସା କରିବା ସହ ଏହା ସରକାରୀ ବିଦ୍ୟାଳୟ ପ୍ରତି ନିଶ୍ଚିତ ଆକର୍ଷଣ କରିବ ବୋଲି କହିଥିଲେ ।

ମତଦାତାମାନେ ସ୍ୱେଚ୍ଛାକୃତ ଭାବେ ଆଧାର ତଥ୍ୟ ପ୍ରଦାନ କରିବା ଅଭିଯାନର ସମୀକ୍ଷା ବୈଠକ

ଖୋର୍ଦ୍ଧା,୬ ସେପ୍ଟେମ୍ବର (ହି.ସ.)- ମତଦାତା ମାନେ ସ୍ୱେଚ୍ଛାକୃତ ଭାବେ ସେମାନଙ୍କ ଆଧାର ତଥ୍ୟ ପ୍ରଦାନ କରିବା ସଚେତନତା ଅଭିଯାନର ସମୀକ୍ଷା ବୈଠକ ଓସଓ୍ୱାନ ସମ୍ମିଳନୀ କକ୍ଷରେ ଭିଡିଓ କନଫେରନ୍ସି ମାଧ୍ୟମରେ ଅନୁଷ୍ଠିତ ହୋଇଛି ।

ଏଥିରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମନୋଜ କୁମାର ପାଢୀ ଅଧକ୍ଷତା କରିଥିଲେ ।ଭୋଟର ତାଲିକାରେ ସ୍ୱଚ୍ଛତା ଆଣିବା ଲକ୍ଷରେ ଭୋଟର ପରିଚୟପତ୍ର ସହ ଆଧାର ସଂଯୋଗ ନିମନ୍ତେ ମତଦାତା ମାନଙ୍କ ଠାରୁ ସ୍ୱେଚ୍ଛାକୃତ ଭାବେ ଆଧାର ତଥ୍ୟ ସଂଗ୍ରହ କରିବାକୁ ଜିଲ୍ଲାର ସମସ୍ତ ବୁଥ ସ୍ତରୀୟ ଅଧିକାରୀ ମାନଙ୍କୁ ଦାୟିତ୍ୱ ଦିଆଯାଇଛି । ବିଏଲଓ ମାନେ ଘର ଘର ବୁଲି ଏହି ତଥ୍ୟ ହାସଲ କରିବେ ।ଏପରିକି ଜଣେ ଚାହିଁଲେ ଅନଲାଇନ ମାଧ୍ୟମରେ ଆଧାର ତଥ୍ୟ ପ୍ରଦାନ କରିପାରିବେ ଯାହା ଫଳରେ ବ୍ୟକ୍ତିଗତ ତଥ୍ୟ ପ୍ରଘଟ ହେବା ଆଶଙ୍କା ଦୂର ହୋଇପାରିବ । ଏହି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ଅତିରିକ୍ତ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ

ଅତରର ଲୋକପ୍ରିୟତା

ନଗରୀ ଓ ମହାନଗରୀରେ ପ୍ରତ୍ୟେକ ବର୍ଗର ଲୋକେ ଭିନ୍ନଭିନ୍ନ କମ୍ପାନୀର ଡିଓଡ୍ରାଣ୍ଟ ଓ ଅତର ଲଗାଉଛନ୍ତି । ସର୍ବେକ୍ଷଣରୁ ଜଣାପଡ଼ିଛି ଯେ ପୁରୁଷଙ୍କ ତୁଳନାରେ ମହିଳାମାନେ ଅତର ଲଗାଇବାକୁ ଅଧିକ ପସନ୍ଦ କରନ୍ତି । ଆମ ଭାରତୀୟ ଅତରର ବିଶ୍ୱ ଭଜାରରେ ଲୋକପ୍ରିୟତା ୫୫%ରୁ ଅଧିକ ରହିଥିବାର ଜଣାପଡ଼ିଛି । ବିଦେଶରୁ ଲୋକେ ଅନ୍-ଲାଇନ୍ ଜରିଆରେ ଭାରତରୁ

ଅତର ବରାଦ୍ କରିଥାନ୍ତି । ଭାରତୀୟ ସଙ୍ଗୀତ ଜଗତର ସମ୍ରାଜ୍ଞୀ ଭାବେ ଜଣାଯାଉଥିବା ଲତା ମଙ୍ଗେସକରଙ୍କ ନାମରେ ଏକ ଅତର ରହିଛି । ଏହି ଦାମୀ ଅତରଟି ଲଣ୍ଡନ ବଜାରରେ ବେଶ୍ ଲୋକପ୍ରିୟ । ସମ୍ଭ୍ରାନ୍ତ ବର୍ଗର ମହିଳା ଓ ଉଚ୍ଚ ପଦରେ କାର୍ଯ୍ୟରତ କର୍ମଜୀବୀ ମହିଳାଙ୍କ ଏହି ଅତରର ବାସ୍ନା ଖୁବ୍ ପ୍ରିୟ ।

ଅନେକଙ୍କ ମତରେ ଅତର ଲଗାଇଲେ ସେମାନଙ୍କୁ ଖୁବ୍ ଫୁର୍ତ୍ତି ଲାଗିଥାଏ । କାର୍ଯ୍ୟସ୍ଥଳରେ ଏକ ଭିନ୍ନ ବାତାବରଣ ମଧ୍ୟ ଅନୁଭୂତ ହୋଇଥାଏ। ବିଶେଷଜ୍ଞଙ୍କ ମତରେ ଭଲ କମ୍ପାନୀର ଅତର ଲଗାଇଲେ ତାହା ଶରୀର ଉପରେ କୌଣସି କୁପ୍ରଭାବ ପକାଇ ନଥାଏ ।

ପ୍ରାୟ ୫୫୦ ବର୍ଷ ତଳେ କେବଳ ଗ୍ରୀକ୍ ପ୍ରାନ୍ତରେ ହିଁ ଗୋଲାପ ଫୁଲର ଦାମୀ ହାତତିଆରି ଅତର ପ୍ରସ୍ତୁତ କରାଯାଉଥିଲା। ବିଶ୍ୱର ପ୍ରତ୍ୟେକ ପ୍ରାନ୍ତକୁ ଏହା ରପ୍ତାନୀ ହେଉଥିବାର ଜଣାପଡ଼ିଛି ।

ଜାପାନରେ ଯେ କୌଣସି ଶୁଭ କାମରେ ଅତିଥିଙ୍କୁ ମହଙ୍ଗା ଅତର

ସବୁଠୁ ଉତ୍ତମ ଉପହାର ଭାବେ ବିବେଚନା କରାଯାଏ । ଆଜିର ସମୟରେ ଅତର ବ୍ୟବସାୟ କୋଟ କୋଟି ଟଙ୍କାରେ ପହଞ୍ଚିଲାଣି । ତେବେ ଗତ ୧୦୦ ବର୍ଷ ମଧ୍ୟରେ ପ୍ୟାରିସର ଅତର ୧ ନମ୍ବର ସ୍ଥାନରେ ରହିଛି ।

ଧଳା କେଶକୁ କିପରି କରିବେ କଳା

ଅସମୟରେ କେଶ ପାଚିଲେ କଫି ଏବଂ ନିଶା, ବିଶେଷକରି ମଦ୍ୟପାନର ପରିମାଣକୁ କମ୍ କରିବା ଉଚିତ୍। ରାଗ, ଖଟା ଏବଂ ବେଶୀ ତେଲ ଜାତୀୟ ଖଶଦ୍ୟ ଖାଇଲେ କେଶ ସମସ୍ୟା ବଢ଼ିଥାଏ। ଏହ ବ୍ୟତୀତ ମାନସିକ ଚିନ୍ତା, ଧୂମପାନ, ଚାପ, କେଶ ବ୍ଲିଚ୍ ଏବଂ କଲରିଂ ଆଦି କେଶକୁ ଅଧିକ ପାଚିବାରେ ସାହାଯ୍ୟ କରିଥାଏ।

ଅସମୟରେ କେଶ ପାଚିଲେ କଫି ଏବଂ ନିଶା, ବିଶେଷକରି ମଦ୍ୟପାନର ପରିମାଣକୁ କମ୍ କରିବା ଉଚିତ୍। ରାଗ, ଖଟା ଏବଂ ବେଶୀ ତେଲ ଜାତୀୟ ଖଶଦ୍ୟ ଖାଇଲେ କେଶ ସମସ୍ୟା ବଢ଼ିଥାଏ। ଏହ ବ୍ୟତୀତ ମାନସିକ ଚିନ୍ତା, ଧୂମପାନ, ଚାପ, କେଶ ବ୍ଲିଚ୍ ଏବଂ କଲରିଂ ଆଦି କେଶକୁ ଅଧିକ ପାଚିବାରେ ସାହାଯ୍ୟ କରିଥାଏ।

କେଶ ପାଚିବା ବନ୍ଦ ହେବ କିପରି:

ଅଦାକୁ ଛେଚି ମହୁ ସହ ମିଶାଇ ଏହି ମିଶ୍ରଣକୁ ସପ୍ତାହକୁ ଅତି କମରେ ଦୁଇଥର ମୁଣ୍ଡରେ ଲଗାନ୍ତୁ। ଏଥିରେ କେଶ ପାଚିବା ସମସ୍ୟା ଦୂର ହୋଇଥାଏ।

ମନ୍ଦାର ଫୁଲକୁ ପେଷି ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏହି ପେଷ୍ଟକୁ କେଶରେ ଲଗାନ୍ତୁ।ଏହା ପ୍ରାକୃତିକ କଣ୍ଡିସନରର କାମ କରିଥାଏ। ଏହି ପେଷ୍ଟକୁ ନିୟମିତ ଲଗାଇବା ଦ୍ୱାରା କେଶ ଉପୁଡ଼ିବା ବନ୍ଦ ହୋଇଥାଏ।

ଶୁଖିଲା ଅଁଳାକୁ ପାଣିରେ ଫୁଟାନ୍ତୁ। ଏହି ପାଣିକୁ ଅଧିକ ସମୟ ଫୁଟାନ୍ତୁ ଯେପରି ଏହା ଅଧା ହୋଇଯିବ। ତା' ପରେ ଏଥିରେ ମେହନ୍ଦି ଏବଂ ଲେମ୍ବୁରସ ମିଶାଇ କେଶରେ ଲଗାନ୍ତୁ। ଏପରି କରିବା ଦ୍ୱାରା କେଶ ଝଡ଼ିବା ବନ୍ଦ ହୋଇଥାଏ।

ମେଥିଦାନାକୁ ପେଷି ମେହେନ୍ଦିରେ ମିଶାଇ ଦିଅନ୍ତୁ। ଏଥିରେ ତୁଳସୀ ପତ୍ରର ରସ ଏବଂ ହର୍ବାଲ୍ ସାମ୍ପୁ ଲଗାଇ ଧୋଇ ଦିଅନ୍ତୁ ଫାଇଦା ହେବ।



ଅଧ କପ ନଡ଼ିଆ ତେଲ କିମ୍ବା ଜଡ଼ା ତେଲକୁ ଅଳ୍ପ ଉଷୁମ କରନ୍ତୁ।। ଏଥିରେ ୪ ଗ୍ରାମର କର୍ପୁର ମିଶାନ୍ତୁ। କର୍ପୂର ସମ୍ପୂର୍ଣ୍ଣ ମିଶିଗଲା ପରେ ଏହି ତେଲକୁ କେଶରେ ମାଲିସ କରନ୍ତୁ। ସପ୍ତାହକୁ ଥରେ ଏପରି ନିଶ୍ଚିତ କରନ୍ତୁ।

ନଡ଼ିଆ ତେଲରେ ଟିକେ ଦହି ମିଶାଇ ମୁଣ୍ଡରେ ମାଲିସ କରନ୍ତୁ। ଏପରି କଲେ କେଶ ଫାଟିବ ନାହିଁ। ଏହାସହ କେଶ ଝଡ଼ିବା ମଧ୍ୟ ବନ୍ଦ ହୋଇଯାଏ।

ଦହି ସହ ଟମାଟୋ ପେଷି ଦିଅନ୍ତୁ। ସେଥିରେ ଟିକେ ଲେମ୍ବୁ ରସ ଚିପୁଡ଼ିବା ପରେ ଏଥିରେ ନଡ଼ିଆ ତେଲ ପକାନ୍ତୁ। ଏହାକୁ ସପ୍ତାହକୁ ଦୁଇଥର ମୁଣ୍ଡରେ ମାଲିସ କରନ୍ତୁ। ଅଧିକ ଦିନ ପର୍ଯ୍ୟନ୍ତ କେଶ କଳା ରହିବ।

ଅଁଳାକୁ ନଡ଼ିଆ ତେଲରେ ଫୁଟାନ୍ତୁ। ତେଲକୁ ଏତେ ଫୁଟାନ୍ତୁ ଯେପରି କଳା ପଡ଼ିଯିବ। ଏହାକୁ ପ୍ରତିଦିନ ଲଗାଇଲେ କେଶ କଳା ହେବ।

ଜରୁରୀ କଥା

କାର ଚଳାଇଲା ବେଳେ ଅଧିକାଂଶ ଲୋକେ ଝରକା ବନ୍ଦ କରି ଚଳାଇବାକୁ ପସନ୍ଦ କରନ୍ତି। କେତେଜଣ ଏସି ପାଇଁତ ଅନ୍ୟମାନେ ବାହାର ଧୂଳି ସଂସ୍ପର୍ଶରେ ନଆସିବାକୁ ଏପରି କରିଥାନ୍ତି। ଝରକା ବନ୍ଦ କରିବାର ଅର୍ଥ ରୋଗକୁ ନିମନ୍ତ୍ରଣ କରିବା ବୋଲି ଗବେଷକଙ୍କ ମତ। ଝରକା ବନ୍ଦ ରହିଲେ ଭିତରର ବାୟୁ ମନୁଷ୍ୟ ଯକୃତ ଉପରେ କୁପ୍ରଭାବ ପକାଇଥାଏ। ସେଥିପାଇଁ ଝରକା ଖୋଲି କାର ଚଳାଇବାକୁ ପରାମର୍ଶ ଦିଆଯାଇଛି।

ଯେତେ ବ୍ୟାୟାମ କରନ୍ତୁ କିମ୍ବା ଭଲ ଖାଦ୍ୟ ଖାଆନ୍ତୁ ହେଲେ ଦୈନିକ ୭ ରୁ ୮ ଘଣ୍ଟା ନିଦ୍ରାଯିବା ନିହାତି ଜରୁରୀ। କମ୍ ନିଦ୍ରା କାରଣରୁ ହୃଦଘାତ ଓ ମଧୁମେହ ହେବାର ଆଶଙ୍କା ସର୍ବାଧିକ। ସକାଳ ଜଳଖିଆ କରିବାରେ ଅନିୟମିତତା ଓଜନ ବୃଦ୍ଧି ସହ ଅମ୍ଳ ରୋଗ ବଢ଼ାଇବାରେ ସହାୟକ ହୋଇଥାଏ।

ଏବର ଅଧିକାଂଶ ଲୋକେ ବ୍ୟସ୍ତତା କାରଣରୁ କୌଣସି ଔଷଧକୁ ସମୟାନୁସାରେ ଖାଇବାକୁ ଉଚିତ ମଣୁନାହାନ୍ତି। କିଛି ମନମୁଖୀ ଲୋକେ ଔଷଧ ଖାଇବା ବନ୍ଦ କରୁଥିବାରୁ ଏହା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ହେଉଛି। ଏ ବାବଦରେ ମଧ୍ୟ ଲୋକେ ସଚେତନ ହେବା ଆବଶ୍ୟକ।

ଦୁର୍ଗନ୍ଧ ଦୂରକାରୀ ରାସାୟନିକ

ଆମ ଭିତରେ ଅନେକ ଅଛନ୍ତି, ଯେଉଁମାନଙ୍କ ଦେହରୁ ଅଧିକ ଝାଳ ବାହାରେ । ଏଭଳି ଲୋକେ ଥରେ ପିନ୍ଧିଥିବା ପୋଷାକ ଦ୍ୱିତୀୟ ଥର ନ ଧୋଇ ପିନ୍ଧିପାରନ୍ତି ନାହିଁ । ପୁଣି, ଭଲ ଭାବେ ଡିଟର୍‌ଜେଣ୍ଟ୍‌ରେ ଧୋଇ, ଟାଣଖରାରେ ଶୁଖାଇଲେ, ସହଜରେ ଗନ୍ଧ ଛାଡ଼େନାହିଁ ଏ ସମସ୍ୟାରୁ ରକ୍ଷା କରିବା ପାଇଁ ଏକ ସ୍ୱତନ୍ତ୍ର ତରଳ ଡିଟରଜେଣ୍ଟ ବିକଶିତ କରାଯାଇଛି । 'ଡିଫନ୍ଟ୍ରିଟ୍' ଭାବେ ନାମିତ ଏହି ତରଳ ପଦାର୍ଥ ଦ୍ୱାରା ଯେକୌଣସି ପୋଷାକ ଥରେ ଧୋଇଲେ, ଅନ୍ୟ ଏକ ସପ୍ତାହ ପର୍ଯ୍ୟନ୍ତ ଆଉ ଧୋଇବାକୁ ପଡ଼ିବନାହିଁ । ବ୍ୟାୟମଶାଳାରେ ଝାଳ ବୁହାଅ କି ପାହାଡ଼ ଚଢ଼ାରେ: କୌଣସି ସମସ୍ୟା ହେବନାହିଁ । ଏହି ତରଳ ପଦାର୍ଥ ପୋଷାକକୁ ଖରାପ ମଧ୍ୟ କରିବନାହିଁ । ଝାଳ ଲାଗିଥିବା ଅଧୁଆ ପୋଷାକ ଦ୍ୱାରା କବଳ ଜନିତ ରୋଗ ବି ହେବନାହିଁ । ଓରିଗନ୍ ବିଶ୍ୱବିଦ୍ୟାଳୟର ରସାୟନ ବିଜ୍ଞାନ ବିଭାଗୀୟ ଗବେଷକମାନେ ଏହି ଚମତ୍କାରୀ ରାସାୟନିକ ସୃଷ୍ଟି କରିଛନ୍ତି ।

କେଉଁବର୍ଗର ଲୋକଙ୍କୁ ମଶା ଅଧିକ କାମୁଡ଼ନ୍ତି ?

କେତେକଙ୍କ ମତରେ ମଧୁମେହ ରୋଗୀଙ୍କୁ ମଶା ଅଧିକ କାମୁଡ଼ନ୍ତି । କାରଣ ସେମାନଙ୍କ ରକ୍ତରେ ଶର୍କରାର ପରିମାଣ ଅଧିକା ମଶାଙ୍କୁ ମଧ୍ୟ ମିଠା ପସନ୍ଦ ହେଲେ ବିଶେଷଜ୍ଞମାନେ ଏହି ତଥ୍ୟକୁ ଭୁଲ ପ୍ରମାଣିତ କରିଛନ୍ତି ।

ରୀତିମତ ବାସ୍ନା ସାବୁନ ଲଗାଉଥିବା ଲୋକଙ୍କୁ ମଶା ଅଧିକ କାମୁଡ଼ିଥାନ୍ତି ।

ଝାଳ ବାହାରିଲେ ଏକ ପ୍ରକାରର ଏସିଡ୍ ଆମ ଶରୀରକୁ ନିର୍ଗତ ହୋଇଥାଏ । ମଶା ସେହି ଗନ୍ଧରେ ଆକୃଷ୍ଟ ହୋଇ କାମୁଡ଼ିଥିବାର ଜଣାପଡ଼ିଛି ।

ନିଶା ସେବନ କରୁଥିବା ଲୋକଙ୍କୁ ମଧ୍ୟ ମଶା ଅଧିକ କାମୁଡ଼ିଥିବାର ପରୀକ୍ଷାରୁ ଜଣାପଡ଼ିଛି । ସାଧାରଣ ବର୍ଗର ଲୋକଙ୍କ

ଠାରୁ ନିଶାଗ୍ରସ୍ତଙ୍କୁ ୨୦% ଅଧିକ ମଶା କାମୁଡ଼ିଥାଏ ।

ମୋଟା ଗାଢ଼ ରଙ୍ଗ ଅଧିକ ପସନ୍ଦ । ଏଣୁ ଏହି ରଙ୍ଗର ପୋଷକ ପରିଧାନ କଲେ ମଶା କାମୁଡ଼ିବା ସ୍ୱାଭାବିକ ।

ଯେ କୌଣସି ବୟସରେ ହୋଇପାରେ ଆଲର୍ଜି

ଆଲାର୍ଜିର ଶିକାର ହେବା ପାଇଁ ସେପରି କୌଣସି ବୟସ ନ ଥାଏ । ଏହି ରୋଗ ସବୁ ବୟସର ଲୋକଙ୍କୁ ହୋଇପାରେ । ତେବେ କୌଣସି ଜିନିଷ ପ୍ରତି ଆଲର୍ଜି ଥିଲେ ଅତି କମ୍ ରେ ୧୦ ବର୍ଷ ପର୍ଯ୍ୟନ୍ତ ତାହାଠାରୁ ଦୂରେଇ ରହିବା ଉଚିତ । ପ୍ରକୃତ କଥା ହେଲା ଆଲାର୍ଜି ଉତ୍ପନ୍ନ କରୁଥିବା କାରକର ସାମ୍ନା ହେଲେ ଶରୀରର ରୋଗ ପ୍ରତିରୋଧକ ଶକ୍ତି ଆବଶ୍ୟକଠାରୁ ଅଧିକ ଆଲର୍ଜିଆନ ହୋଇଯାଏ । ଏହା ଦ୍ୱାରା ଅନ୍ୟ ରକ୍ତ କୋଷିକାରେ ହିଷ୍ଟାମାଇନ୍ ନାମକ ରାସାୟନିକ ପଦାର୍ଥ ତିଆରି ହୁଏ । ବ୍ରିଟିଶ୍ ବୈଜ୍ଞାନିକମାନେ ନିକଟରେ ଆଲର୍ଜି ହେବାର କାରଣ ଉପରେ ଏକ ଅଧ୍ୟୟନ କରିଛନ୍ତି । ସେଥିରୁ ସେମାନେ ଜାଣିବାକୁ ପାଇଛନ୍ତି ଯେ, ରୋଗ ପ୍ରତିରୋଧ ତନ୍ତ୍ରାର ପରିବର୍ତ୍ତନ କାରଣରୁ ଏହି ଆଲର୍ଜି ହୋଇଥାଏ । ଯାହା ଯେ କୌଣସି ବୟସର ଲୋକଙ୍କୁ ଆକ୍ରମଣ କରିପାରେ ।

ହେମୋଗ୍ଲୋବିନ୍ ବୃଦ୍ଧି କରାଇବାର ସରଳ ଉପାୟ



ଶରୀରରେ ହେମୋଗ୍ଲୋବିନର ପର୍ଯ୍ୟପ୍ତ ମାତ୍ରା ରହିବା ନିତାନ୍ତ ଜରୁରୀ । ଏହା ଦ୍ୱାରା ଆମ ମୁଖ୍ୟ ଅଙ୍ଗ ମସ୍ତିଷ୍କ, ବୃକକ୍, ହୃଦଯନ୍ତ୍ର ଉତ୍ତମ ଭାବରେ କାମ କରିଥାଏ ବୋଲି ବିଶେଷଜ୍ଞଙ୍କ ମତ । ହେକୋଗ୍ଲୋବିନର ମାତ୍ରା କମ୍ ହେଲେ ଖଦ୍ୟପାନୀୟରେ ଅନିୟମିତତା ସମସ୍ୟା ଆରମ୍ଭ ହୋଇଥାଏ । ରୋଗୀ ସବୁ ସମୟରେ ହାଲିଆ ଅନୁଭବ କରିବା ସହ କାର୍ଯ୍ୟ କରିବାର କ୍ଷମତା ନଥାଏ । ତେବେ ଏଥିପାଇଁ କୌଣସି ଔଷଧ ସେବନ କରିବା ପୂର୍ବରୁ ପ୍ରଥମେ ସରଳ ଉପାୟ ଆମ୍ଭ କରନ୍ତୁ ।

ପ୍ରତ୍ୟେକଙ୍କ ଘରେ ତୁଳସୀ ଗଛ ଥାଏ । ଏଣୁ ନିୟମିତ ଭାବେ ୫.୬ଟି ତୁଳସୀ ପତ୍ର ଚୋବାଇ ଖାଆନ୍ତୁ । ନଚେତ୍ ତୁଳସୀପତ୍ରକୁ ଛେଚି କୌଣସି ପାନୀୟ ଅଥବା ଚା'ରେ ମିଶାଇ ପିଅନ୍ତୁ । ମାସ କେଇଟାରେ ହିଁ ହେମୋଗ୍ଲୋବିନ୍ ସମସ୍ୟା ଦୂର ହେବ ।

ପାଚିଲା ପିଜୁଳିରେ ଲୌହ ତତ୍ତ୍ୱ ଭରପୂର ରହିଥାଏ । ନିୟମିତ ଭାବେ ଗୋଟଏ କିମ୍ବା ଦୁଇଟି ପିଜୁଳି ଖାଇଲେ ମଧ୍ୟ ରକ୍ତହୀନତା ସମସ୍ୟା ଦୂର ହେଉଥିବାର ବିଶେଷଜ୍ଞଙ୍କ ମତ । ଅଙ୍ଗୁର ନାସପାତି ନଡ଼ିଆପାଣି, ପାଳଙ୍ଗଶାଗ, ଜାମୁକୋଳି, ଗୁଡ଼ ଇତ୍ୟାଦି ସେବନ କଲେ ମଧ୍ୟ ହେମୋଗ୍ଲୋବିନ୍ ମାତ୍ରା ଶରୀରରେ ଶୀଘ୍ର ବୃଦ୍ଧି ହୋଇଥାଏ ବୋଲି ବିଭିନ୍ନ ଗବେଷଣାରୁ ପ୍ରକାଶ ।

ଧ୍ୱନି ପ୍ରତିଧ୍ୱନି

୪

ବାଲେଶ୍ୱର

୦୮ ସେପ୍ଟେମ୍ବର ୨୦୨୨, ଗୁରୁବାର

ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

ପଂଚମ ବୃହତ୍ ଅର୍ଥନୀତି...

ଗତ କେଇ ବର୍ଷ ଭିତରେ ଭାରତୀୟ ଅର୍ଥନୀତିରେ ଅଭୂତପୂର୍ବ ତଥା ବୈପ୍ଳବିକ ପରିବର୍ତ୍ତନ ଆସିଛି । କୁହାଯାଉଛି, ଯଦି ଏହି ଅଭିବୃଦ୍ଧି ହାର ଜାରି ରୁହେ, ଭାରତ ଅଚିରେ ବିକାଶର ଶିଖର ଛୁଇଁବା କିଛି ଅସମ୍ଭବ ହୋଇନପାରେ। ଅନ୍ୟ ବୈଦେଶିକ ରାଷ୍ଟ୍ର ତୁଳନାରେ ଆମ ଦେଶର ଅର୍ଥନୀତିର ପ୍ରଗତି ଆଶାତୀତ ବୃଦ୍ଧି ପାଇବାର ଅନେକ କାରଣ ରହିଛି । ସଂସ୍କାର ବଳରେ ଦିନେ ଭାରତ ବିଶ୍ୱଗୁରୁ ରୂପେ ଉଭା ହେବା ନିଶ୍ଚିତ ବୋଲି ଏବେଠାରୁ ସମୀକ୍ଷକମାନେ କଳନା କରୁଛନ୍ତି । ଅର୍ଥନୀତିରେ ଅଭିବୃଦ୍ଧି ହାର ନେଇ ଯେଉଁ କେତେକ ମାପଦଣ୍ଡ ରହିଛି, ସବୁଥିରେ ବିଶ୍ୱର ପ୍ରମୁଖ ବିକାଶଶୀଳ ଦେଶକୁ ପଛରେ ପକାଇ ଦେଇଥିବାର ହିସାବ କହୁଛି । ଏହି କ୍ରମରେ ବର୍ତ୍ତମାନ ବ୍ରିଟେନ୍‌କୁ ଟପି ଭାରତ ପଞ୍ଚମ ବୃହତ୍ ଅର୍ଥନୀତି ରୂପେ ଉଭା ହେବା କିଛି କମ୍ ବଡ଼ ଉପଲବ୍ଧି ବୋଲି କୁହାଯିବ ନାହିଁ । ଆଗାମୀ ଦିନରେ ଅର୍ଥନୀତି ନେଇ ଯଦି କଳନା କରାଯାଏ, ତେବେ ୨୦୨୭ରେ ଜର୍ମାନ୍ ଅର୍ଥନୀତିକୁ ଟପିଯିବ ଏବଂ ୨୦୨୯ ସୁଦ୍ଧା ଜାପାନର ଅର୍ଥନୀତିକୁ ଅତିକ୍ରମ କରିଯିବାର ସମ୍ଭାବନା ସମୀକ୍ଷକ ମହଲ ଦେଖୁପାରୁଛନ୍ତି । ବର୍ତ୍ତମାନ ଭାରତ ବ୍ରିଟେନ୍ ଅର୍ଥନୀତିର ଅଭିବୃଦ୍ଧି ହାରକୁ ଅତିକ୍ରମ କରିଥିବା ଭିତରେ ୨୦୨୯ ବେଳକୁ ବିଶ୍ୱର ସର୍ବବୃହତ୍ ଅର୍ଥନୀତି ହେବାର ଗୌରବ ପାଇପାରିବ ବୋଲି ଷ୍ଟେଟ୍ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ ରିସର୍ଚ୍ଚ ଗ୍ରୁପ୍ ପୂର୍ବାନୁମାନ କରିଛି । ୨୦୧୪ରେ ଭାରତର ଅର୍ଥନୀତି ବ୍ୟାଙ୍କ ଦଶ ନମ୍ବରରେ ଥିଲା। ତାହା କ୍ରମଶଃ ଉପରକୁ ଉଠି ୨୦୨୯ ବେଳକୁ ବିଶ୍ୱର ତୃତୀୟ ବୃହତ୍ ଅର୍ଥନୀତି ହୋଇପାରିବ । ସେହି ସମ୍ଭାବନା ଏସ୍‌ବିଆଇ ରିସର୍ଚ୍ଚ ଗ୍ରୁପ୍ ଜଣାଇଥିବା ଦୃଷ୍ଟିରୁ ଆଶା କରାଯାଇପାରେ, ଦିନେ ଭାରତ ଅବଶ୍ୟ ବିଶ୍ୱଗୁରୁ ବନିପାରିବ । ଚଳିତ ୨୦୨୨-୨୩ ଆର୍ଥିକ ବର୍ଷରେ ଆମ ଦେଶର ମୋଟ୍ ଘରୋଇ ଉତ୍ପାଦ (ଜିଡିପି) ଅଭିବୃଦ୍ଧି ହାର ୧୩.୫% ରହିଛି। କରୋନା ସଂକ୍ରମଣ କାଳରେ ତାହାର ଧୂମା ଗତି ସମସ୍ତଙ୍କୁ ଚିନ୍ତାରେ ପକାଇ ଦେଇଥିଲା । ବୈଦେଶିକ ବିନିମୟ ମୁଦ୍ରା ଭଣ୍ଡାର ସ୍ଥିତି ସହିତ ଭାରତର ଅର୍ଥନୀତିରେ ଲମ୍ଫ ଲମ୍ଫ ସୂଚାଉଛି କି, ଆଗାମୀ ଦିନରେ ସଫଳ ପ୍ରଦର୍ଶନ ହାସଲ କରାଯିବା ସମ୍ଭବ। ବରାବର ଆର୍ଥିକ ଅନିଶ୍ଚିତତା ଭିତରେ ଗତି କରୁଥିବା ଏହି ସମୟରେ ବହୁ ପ୍ରକାର ଆହ୍ୱାନ ଲାଗି ରହିଛି । କରୋନା ମହାସଂକ୍ରମଣ ଓ ପରବର୍ତ୍ତୀ ସମୟରେ ତଜନିତ ଜଟିଳତା ଲାଗି ରହିଥିବାରୁ ତାହା କେତେକାଳ କିଭଳି ରହିବ, ତାହା କେହି କହିପାରୁ ନାହାଁନ୍ତି । କିନ୍ତୁ ଏସ୍‌ବିଆଇ ରିସର୍ଚ୍ଚ ଗ୍ରୁପର କିଥିତ ସର୍ଭେ ଆମ ଅର୍ଥନୀତିର ସମ୍ଭାବ୍ୟ ପ୍ରଗତି ନେଇ ଆଶା ସଂଚାର କରୁଥିବା ଭଳି ମନେ ହେଉଛି । ଭାରତର ମୁଣ୍ଡପିଛା ଆୟରେ ବୃଦ୍ଧି ଜାତୀୟ ବିକାଶ ଆୟ ନେଇ ଆଶାଜନକ ସ୍ଥିତି ଆଣିଦେଇଥିବା ଦୃଷ୍ଟିରୁ ଆଶା କରିହେବ ଯେ, କାଳକ୍ରମେ ଆମର ଅର୍ଥନୀତି ତୃତୀୟ ବୃହତ୍ ଅର୍ଥନୀତିର ମୁକୁଟ ପିନ୍ଧିପାରିବ ହୋଇପାରେ, କରୋନା ସଂକ୍ରମଣର ବିକଳ ଚିତ୍ର ଆମ ସମେତ ବିଭିନ୍ନ ରାଷ୍ଟ୍ରର ଅର୍ଥନୀତିକୁ ଅଣ୍ଟା ସଳଖି ଛିଡ଼ାହେବାରେ ଦୂରନ୍ତ ସମସ୍ୟା ଆଣିଦେଇଛି । ଫଳସ୍ୱରୂପ ଆମ ସମେତ ସମଗ୍ର ବିଶ୍ୱକୁ ଭୟାନକ ଦୁର୍ଭାଗ ବରଣ କରିବାକୁ ପଡ଼ିଛି । ଦରବୃଦ୍ଧି ସହିତ ଉଭୟ କୁଶଳୀ ଓ ଅଣକୁଶଳୀ । କର୍ମଜୀବୀମାନେ ହାତବାନ୍ଧି ବସିଗଲେ । ଆର୍ଥିକ ମେରୁଦଣ୍ଡ ଭାଙ୍ଗିଯାଇଥିବା ହେତୁ ଲକ୍ଷ ଲକ୍ଷ ବ୍ୟକ୍ତି ସେମାନଙ୍କୁ ପେସା ବଦଳାଇବାକୁ ବାଧ୍ୟ ହେଲେ। ନିର୍ମାଣ ଶିଳ୍ପ ଏକପ୍ରକାର ବନ୍ଦ ହୋଇଗଲା, ପର୍ଯ୍ୟଟନ ଶିଳ୍ପ ହୋଇଗଲା ବିପର୍ଯ୍ୟସ୍ତ । ସାର୍ବଜନୀନ ଟିକାକରଣ ହେତୁ ସଂକ୍ରମଣଜନିତ ମୃତ୍ୟୁକୁ ବହୁ ଭାବରେ ରୋକାଯାଇ ପାରିଲା । ଅର୍ଥନୀତିକୁ ମୂଳ ଗୁଳାକୁ ଆଣିବା ଲକ୍ଷ୍ୟରେ ବହୁ ପ୍ରୟାସ କରାଯାଇଛି । ପ୍ରକୃତ ହିସାବ ଦେଖାଗଲେ, ଅର୍ଥନୀତି ଓ ତାହାର ବିକାଶ ଧାରା ନେଇ ଆଶାନ୍ୱିତ ହେବା ପୂର୍ବରୁ ଆମକୁ ଦେଖୁକୁ । ହେବ, ବିକାଶର ବାସ୍ତବ ହାର କେତେ ଓ କିଭଳି ବିଶ୍ୱ ଜିଡିପିରେ ଆମ ଦେଶର ବର୍ତ୍ତମାନ ଭାଗ ହେଉଛି ସାଢ଼େ ତିନି ଭାଗ ତାହା ୨୦୧୪ରେ ଥିଲା ୨.୬% ବିଶ୍ୱ ସ୍ତର ଜିଡିପିରେ ତାହା ୨୦୨୭ ବେଳକୁ ୪%ରେ ପହଞ୍ଚି ସାରିଥିବ ବୋଲି ପୂର୍ବାନୁମାନ କରାଯାଉଛି । ସେ ସମ୍ପର୍କରେ କେଉଁ ସଂସ୍ଥାର ଆକଳନ କିଭଳି ରହୁଛି । ମାତ୍ର ସବୁ ପ୍ରକାର ସମସ୍ୟା ଓ ପ୍ରତିବନ୍ଧକକୁ ଅତିକ୍ରମ କରି ଅର୍ଥନୀତିକୁ ତ୍ୱରିତ ବେଗରେ ଅଗ୍ରସର କରିବାକୁ ହେଲେ, ବିଶ୍ୱରେ କେଉଁ ସ୍ଥାନ ଦଖଲ କରାଯିବ, ତାହା ବଡ଼ କଥା ନହୋଇ ଗୁଣାତ୍ମକ ବିକାଶର ମାପକାଠିକୁ ଅଧିକ ଗୁରୁତ୍ୱ ଦିଆଯିବା କଥା। ଜନଜୀବନରେ ଗୁଣାତ୍ମକ ବିକାଶ ଓ ଜୀବନଶୈଳୀକୁ ଅଧୁକ ଉନ୍ନତ କରି କେଉଁ ଦେଶ କିଭଳି କାର୍ଯ୍ୟକ୍ରମ ଗ୍ରହଣ କରୁଛି, ତାହା ଅଭିବୃଦ୍ଧିର ମାପଦଣ୍ଡ ହେବା ଆବଶ୍ୟକ।

ରାଷ୍ଟ୍ରୀୟ ରାଜନୀତିରେ ଧରାଶାୟୀ ବିରୋଧି

ଗୋପାଳ ମହାପାତ୍ର

ବିହାରରେ ଘଟିଥିବା ରାଜନୈତିକ ଘଟଣାକ୍ରମ ବିରୋଧିଙ୍କ ଭିତରେ ଆତ୍ମ ପ୍ରତ୍ୟୟ ସୃଷ୍ଟି କରିଛି ଏବଂ ୨୦୨୪ର ଲୋକସଭା ନିର୍ବାଚନରେ ବିଜେପି ଓ ମୋଦିଙ୍କୁ ଟକ୍କର ଦେଇପାରିବେ ବୋଲି ଆଶା ବାନ୍ଧିଛନ୍ତି ବିରୋଧି । ରାଷ୍ଟ୍ରପତି ଓ ଉପରାଷ୍ଟ୍ରପତି ନିର୍ବାଚନ ବେଳେ ବିରୋଧିଙ୍କ ପକ୍ଷରୁ ଏନ୍.ଡି.ଏ. ପ୍ରାର୍ଥୀଙ୍କୁ ହରାଇବା ପାଇଁ ଉଦ୍ୟମ ହୋଇଥିଲା । କିନ୍ତୁ ଏନ୍‌ଡିଏ ପ୍ରାର୍ଥୀ ଜିତିଥିଲେ । ଯଦିଓ ଦେଶରେ ତୃତୀୟ ମୋର୍ଚ୍ଚା ଗଠନ ପାଇଁ ବିଗତ ଦିନରେ ଉଦ୍ୟମ ହୋଇଥିଲା ହେଲେ ଉଦ୍ୟମ ସଫଳ ହୋଇପାରିନାହିଁ । ବିଜେପି ନେତୃତ୍ୱାଧିନ ଏନ୍‌ଡିଏ ରାଷ୍ଟ୍ରପତି ଓ ଉପ-ରାଷ୍ଟ୍ରପତି ପ୍ରାର୍ଥୀଙ୍କୁ ଜିତାଇ ଏକଥା ସାବ୍ୟସ୍ତ କରିଦେଲା ଯେ ରାଷ୍ଟ୍ରୀୟ ରାଜନୀତିରେ ବିରୋଧିଙ୍କର ସ୍ଥିତି କିଛି ନାହିଁ । ରାଷ୍ଟ୍ରପତି ଓ ଉପରାଷ୍ଟ୍ରପତି ନିର୍ବାଚନରୁ ସ୍ପଷ୍ଟ ହୋଇଗଲା ଯେ ମୋଦି ଏବଂ ବିଜେପିକୁ ରାଷ୍ଟ୍ରୀୟ ରାଜନୀତିରେ ବିରୋଧ କରିବା ପାଇଁ କେହି ନାହାନ୍ତି । ବିରୋଧି ଦଳମାନେ ଯେତେ ଯାହା କହନ୍ତୁନା କାହିଁକି ଏକଥା ସ୍ପଷ୍ଟ ଯେ ରାଷ୍ଟ୍ରୀୟ ରାଜନୀତିରେ ବିଜେପି ଓ ମୋଦିଙ୍କ ପ୍ରଭାବ କମିବା ପରିବର୍ତ୍ତେ ବଢିବାରେ ଲାଗିଛି । ଉପରାଷ୍ଟ୍ରପତି ନିର୍ବାଚନ ମଧ୍ୟ ଏକ ପ୍ରକାର ଏକତରଫା ଥିଲା । ରାଷ୍ଟ୍ରପତି ନିର୍ବାଚନ ଭଳି ବିଜେଡ଼ି, ୱାଇ.ଏସ୍.ଆର. କଂଗ୍ରେସ, ଅକାଳୀ ଦଳ, ବହୁଜନ ସମାଜ ପାର୍ଟି ଏବଂ ଅନ୍ୟ କେତେକ ଛୋଟ ଦଳ ଉପରାଷ୍ଟ୍ରପତି ନିର୍ବାଚନରେ ଜଗଦୀପ ଧନଖଡଙ୍କୁ ସମର୍ଥନ କଲେ। ଏସବୁ ଦଳମାନେ ବିଜେପିର ସହଯୋଗୀ ଦଳ ନୁହଁନ୍ତି, କିନ୍ତୁ ରାଷ୍ଟ୍ରୀୟ ରାଜନୀତିରେ ବିଭାଜିତ ବିରୋଧିଙ୍କ ପକ୍ଷରେ ନରହି ମୋଦି ଓ ବିଜେପିକୁ ସମର୍ଥନ କରିଥିଲେ।

ରାଜ୍ୟ ସଭାରେ କୌଣସି ଗୁରୁତ୍ୱପୂର୍ଣ୍ଣ ବିଲ୍ ଗୃହୀତ ହେଲାବେଳେ ଏସବୁ ଦଳମାନେ ଶାସକ ବିଜେପି ଦଳକୁ ସମର୍ଥନ ଦେଇଥାନ୍ତି। ରାଜ୍ୟ ରାଜନୀତିରେ ଓଡ଼ିଶାରେ ବିଜେଡ଼ି ଦଳ ବିଜେପିକୁ ବିରୋଧ କରୁଛି । ଆନ୍ଧ୍ରପ୍ରଦେଶରେ ୱାଇଏସ୍‌ଆର କଂଗ୍ରେସ ମଧ୍ୟ ବିଜେପିକୁ ବିରୋଧ କରୁଛି । କିନ୍ତୁ ରାଷ୍ଟ୍ରୀୟ ରାଜନୀତିର ଆକଳନ ଅଲଗା ଦୃଷ୍ଟିକୋଣରୁ କରାଯାଉଛି। ବିରୋଧିଙ୍କ ମହାମେଣ୍ଟ ଗଠନ ଏବେ ଦିବାସ୍ୱପ୍ନ ଭଳି। ବିରୋଧି ଦଳମାନଙ୍କ ମଧ୍ୟରେ ତାଳମେଳର ଅଭାବ ମଧ୍ୟ ରହିଛି। ଉପରାଷ୍ଟ୍ରପତି ନିର୍ବାଚନରେ ତୃଣମୂଳ କଂଗ୍ରେସ ଭୋଟ ଦାନରୁ ବିରତ ରହିଥିଲା। କଂଗ୍ରେସର ପୁରୁଣା ନେତ୍ରୀ ମାର୍ଗାରେଟ୍ ଆଲେଭାଙ୍କୁ ମମତା ବାନାର୍ଜୀଙ୍କ ଦଳ ବିଶ୍ୱାସକୁ ନେଇପାରି ନଥିଲା । ମମତା ବାନାର୍ଜୀଙ୍କ ଦଳ ତୃଣମୂଳ କଂଗ୍ରେସ ଦେଶର ଦ୍ୱିତୀୟ ସର୍ବୋଚ୍ଚ ସାମ୍ବିଧାନିକ ପଦବୀ ପାଇଁ ହୋଇଥିବା ନିର୍ବାଚନରୁ ବିରତ ରହିବା ଏକ ଗୁରୁତର ରାଜନୈତିକ ଅପରାଧ ମଧ୍ୟ। କିନ୍ତୁ ତୃଣମୂଳ କଂଗ୍ରେସର ୩୪ ସାଂସଦ ଭୋଟ ଦେଇନଥିଲେ। ଏହା ଏକ ଦୁର୍ଭାଗ୍ୟଜନକ ଘଟଣା। ଦଳ ଏବଂ ନେତାମାନେ ଅନ୍ତତଃ ସାମ୍ବିଧାନିକ ଏବଂ ସଂସଦୀୟ କର୍ତ୍ତବ୍ୟବୋଧ ଭୁଲିଯିବା ଉଚିତ୍ ନୁହେଁ ।

୨୦୨୪ର ଲୋକସଭା ନିର୍ବାଚନକୁ ଆଉ ମାତ୍ର ୧୭-୧୮ ମାସ ରହିଛି ବିରୋଧିଙ୍କୁ ଏକାଠି କରିବା ପାଇଁ ମମତା ବାନାର୍ଜୀ ଓ ଚନ୍ଦ୍ରଶେଖର ରାଓ ଉଦ୍ୟମ କରୁଛନ୍ତି ହେଲେ ସେମାନଙ୍କୁ ଅନ୍ୟ ବିରୋଧି ଦଳ ମାନେ ଭରଷା କରିପାରୁନଥିବା ସ୍ପଷ୍ଟ । ଗୋଟିଏ କଥା ସତ୍ୟ ଯେ ଏବେ ବି କଂଗ୍ରେସ ହିଁ ଦେଶର ସର୍ବବୃହତ୍ ବିରୋଧି ଶକ୍ତି। ମମତା ବାନାର୍ଜୀ, ଚନ୍ଦ୍ରଶେଖର ରାଓ ଓ ଷ୍ଟାଲିନଙ୍କର ସେମାନଙ୍କ ରାଜ୍ୟ ବ୍ୟତୀତ ଅନ୍ୟ ରାଜ୍ୟରେ ପ୍ରଭାବ ନାହିଁ। ଏଣୁ ଏମାନେ ଚାହିଁଲେ ବି ରାଷ୍ଟ୍ରୀୟ ରାଜନୀତିରେ ମୋଦି ବା ବିଜେପି ପାଇଁ ପ୍ରତିବନ୍ଧକ ସୃଷ୍ଟି କରିପାରିବେ ନାହିଁ । ଯଦିଓ ଶାସକ ବିଜେପି ଦଳକୁ ଘେରିବା ପାଇଁ ଅନେକ ପ୍ରସଙ୍ଗ ରହିଛି ହେଲେ ବିରୋଧି ସଫଳ ହୋଇପାରୁନାହାଁନ୍ତି। ରାଷ୍ଟ୍ରପତି ଓ ଉପରାଷ୍ଟ୍ରପତି ନିର୍ବାଚନକୁ ନେଇ ବିରୋଧିଙ୍କ ରଣନୀତି ପ୍ରାରମ୍ଭରୁ ଦୁର୍ବଳ ଥିଲା। ପ୍ରାର୍ଥୀଚୟନକୁ ନେଇ ମଧ୍ୟ ଅନେକ ଅବ୍ୟବସ୍ଥା ସୃଷ୍ଟି ହୋଇଥିଲା। ନିର୍ବାଚନର କିଛିଦିନ ପୂର୍ବରୁ ଉଦ୍ଧବ ଠାକରେଙ୍କ ଶିବସେନା ଦ୍ରୌପଦୀ ମୁର୍ମୁଙ୍କୁ ସମର୍ଥନ କରିବା ପାଇଁ ଘୋଷଣା କଲେ । ଶିବସେନାର ସିନ୍ଧେ ଗୋଷ୍ଠୀ ପୂର୍ବରୁ ଏଭଳି ଘୋଷଣା କରିଥିଲା। ଝାରଖଣ୍ଡର ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ ମଧ୍ୟ ଦ୍ରୌପଦୀ ମୁର୍ମୁଙ୍କୁ ସମର୍ଥନ କରିଥିଲେ । ଏ ସବୁ ମଧ୍ୟରେ ପଶ୍ଚିମବଙ୍ଗରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ବୟାନ ମଧ୍ୟ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥିଲା। ମମତା କହିଥିଲେ ଯେ ଯଦି ବିଜେପି ରାଷ୍ଟ୍ରପତି ପ୍ରାର୍ଥୀଙ୍କ ନାମ ପ୍ରଥମେ ଘୋଷଣା କରିଥାନ୍ତା ତେବେ ପ୍ରାର୍ଥୀତ୍ୱକୁ ନେଇ ସର୍ବସମ୍ମତି ମିଳିପାରିଥାନ୍ତା । ପ୍ରାରମ୍ଭରୁ ମମତା ରାଷ୍ଟ୍ରପତି ନିର୍ବାଚନକୁ ନେଇ ଯେଭଳି ତତ୍ପରତା ଦେଖାଉଥିଲେ ଧିରେ ଧିରେ ତାହା କମି ଯାଇଥିଲା। ବିରୋଧିଦଳ ଏକଜୁଟ୍ ହେବା କଥା ସମସ୍ତେ କହୁଛନ୍ତି ହେଲେ ବିରୋଧି ମଜଭୂତ ହେବା ବଦଳରେ ଅଧିକ ଦୁର୍ବଳ ହୋଇପଡୁଛନ୍ତି ।

ଉପରାଷ୍ଟ୍ରପତି ଜଗଦୀପ ଧନଖଡ୍‌ଙ୍କ ନିର୍ବାଚନ ମଧ୍ୟ ମୋଦୀଙ୍କର ମାଷ୍ଟର ଷ୍ଟ୍ରୋକ ଥିଲା । ପ୍ରଥମ ଥର ପାଇଁ ଜଣେ ଓବିସି ନେତାଙ୍କୁ ଏହି ପଦବୀରେ ଅଧିଷ୍ଠିତ କରାଗଲା । ଏଥିପାଇଁ କୃଷକ - ଜାଠ ସମସ୍ତେ ଆନନ୍ଦିତ । ଏବେ ଏମାନେ ବିଜେପିର ଅଧିକ ନିକଟରେ ହେବାକୁ ଯାଉଛନ୍ତି । ରାଜସ୍ଥାନ, ହରିଆଣା, ପାବ, ଉତ୍ତରପ୍ରଦେଶ, ଦିଲ୍ଲୀ ଆଦି ରାଜ୍ୟମାନଙ୍କରେ ଜାଠ ସମୁଦାୟ ଅନେକ ଶାସନରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥାନ୍ତି । ରାଜସ୍ଥାନରେ ୨୦୨୩ରେ ବିଧାନସଭା ନିର୍ବାଚନ ହେବ। ଏହି ରାଜ୍ୟରେ ୧୩ ପ୍ରତିଶତରୁ ଅଧିକ ଜାଠ ଭୋଟ୍ ରହିଛି । ବିଜେପି ଏମାନଙ୍କ ଭୋଟ୍ ପାଇବା ପାଇଁ ନିଶ୍ଚୟ ଉଦ୍ୟମ କରିବ । ଏସବୁରୁ ସ୍ପଷ୍ଟ ଯେ, ବିରୋଧିଙ୍କ ସ୍ଥିତି ଦୟନୀୟ । ଏଥିପାଇଁ ସେମାନେ ହିଁ ଦାୟୀ। ଦେଶରେ ଥିବା ବିରୋଧି ଦଳମାନଙ୍କ ମଧ୍ୟରୁ ଏଭଳି କୌଣସି ଦଳ ନାହିଁ ଯେଉଁ ଦଳର ନେତୃତ୍ୱ, ନୀତି ଏବଂ ଆଚରଣ ସେ ଦଳକୁ ଆଗାମୀ ଦିନରେ ମଜଭୁତ କରିପାରିବ । ଅନ୍ୟପକ୍ଷରେ ପ୍ରଧାନମନ୍ତ୍ରୀ ପଦ ପାଇଁ ମୋଦିଙ୍କ ସମକକ୍ଷ ନେତା ମଧ୍ୟ ଏପର୍ଯ୍ୟନ୍ତ ଦେଖାଯାଉନାହାଁନ୍ତି । ଏଣୁ ୨୦୨୪ର ନିର୍ବାଚନ ୨୦୧୪ ଓ ୨୦୧୯ର କାହାଣୀକୁ ଦୋହରାଇବ ବୋଲି ଏବେଠାରୁ ଜଣାପଡୁଛି । ବିରୋଧି ଏକଜୁଟ୍ ହେବା ନେଇ ଆଶଙ୍କା ମଧ୍ୟ ରହିଛି ।

+ରାମଚନ୍ଦ୍ରପୁର, ରଣପୁର
ମୋ-୯୪୩୮୪୮୫୦୯୪

ପ୍ରାକୃତିକ ଚିକିତ୍ସା

ଭୁବନାନନ୍ଦ ତ୍ରିପାଠୀ

ପ୍ରକୃତିର ପଞ୍ଚଭୁତକୁ ନେଇ ଆମ ଶରୀର ଗଠିତ। ଶରୀରରୁ ଜୀବନ ଚାଲିଗଲା ପରେ ବଳକା ଦ୍ରବ୍ୟସବୁ ପ୍ରକୃତିର ପାଞ୍ଚଟି ତତ୍ତ୍ୱରେ ଯଥା ମାଟି, ପାଣି, ପବନ, ଉତ୍ତାପ ଏବଂ ଶବ୍ଦରେ ବିଲୀନ ହୋଇଯାଆନ୍ତି।

ଏହି ତତ୍ତ୍ୱକୁ ବିଚାର କଲେ ଜଣାପଡ଼େ ଯେ ମାଟି ପାଣି ପବନରେ ଗଢ଼ା ମଣିଷ ଶରୀର ଅସୁସ୍ଥ ହୋଇପଡ଼ିଲେ, ଏହି ମାଟି ପାଣି ପବନର ପ୍ରୟୋଗ ଦ୍ୱାରା ହିଁ ସୁସ୍ଥ ହୋଇପାରିବ। ଯେପରି କାଠର ଖଟଟିକୁ ମରାମତି କଲାବେଳେ ଆଉ ଖଣ୍ଡେ କାଠ ଯୋଡ଼ାଯାଇଥାଏ ଅବା ଲୁହାର ଗେଟ୍‌କୁ ମରାମତି କରିବାପାଇଁ ଆଉ ଖଣ୍ଡେ ଲୁହା ପାଇପ୍ ଯୋଡ଼ାଯାଇଥାଏ।

ଭାରତର ମୁନିଋଷିଗଣ ଏହି ଦର୍ଶନକୁ ଅଧିକ ଅଧ୍ୟୟନ କରି ଏହାକୁ ଚିକିତ୍ସା କ୍ଷେତ୍ରରେ ଲାଗୁ କରିଥିଲେ ଏବଂ ପ୍ରାକୃତିକ ଚିକିତ୍ସା ନାମରେ ଏହି ବିଭାଗକୁ ବିକଶିତ କରିଥିଲେ। ସେମାନଙ୍କୁ ଅନୁକରଣ କରି ଜଡ଼ିବୁଟି ଔଷଧ ବ୍ୟବହାର କରି ବୈଦ୍ୟଗଣ ଯୁଗ ଯୁଗ ଧରି ଗ୍ରାମାଞ୍ଚଳରେ ଚିକିତ୍ସା କରିଆସୁଛନ୍ତି। ଘରେ ଘରେ ମା'ମାନେ ମଧ୍ୟ ଏହାର ପ୍ରୟୋଗ କରି ପ୍ରାଥମିକ ଚିକିତ୍ସା କରୁଥିଲେ। ପ୍ରାକୃତିକ ଚିକିତ୍ସା ପାଇଁ ଆବଶ୍ୟକ ଦ୍ରବ୍ୟ ଗୁଡ଼ିକ ଯଥା ଶୋରିଷ ତେଲ, ଗରମ ପାଣି, ମେଥି, କୁଆଣି, ହଳଦୀ ଆଦି ରୋଷେଇ ଘରେ ମିଳିଯାଉଥିଲା।

ଇଂରାଜୀ ଶାସନର ପ୍ରାରମ୍ଭ କାଳ ପର୍ଯ୍ୟନ୍ତ ଆମ ଦେଶରେ ପ୍ରାକୃତିକ ଚିକିତ୍ସା ବହୁଳ ପ୍ରୟୋଗ ହେଉଥିଲା ଏବଂ ଏହି ଚିକିତ୍ସା କ୍ଷେତ୍ର ସହଜ ସରଳ ତଥା କମ୍ ଖର୍ଚ୍ଚ ବିଶିଷ୍ଟ ଥିଲା। କାଳକ୍ରମେ ଆମ ଦେଶରେ ଇଂରେଜ ଚିକିତ୍ସା ପଦ୍ଧତି (ଏଲୋପ୍ୟାଥିକ୍) ର ପ୍ରୟୋଗ ହେଲା। ଡ଼ାକ୍ତରଖାନାମାନ ଗଢ଼ି ଉଠିଲା, ଡ଼ାକ୍ତରୀ ପେଷା ଏକ ପୂର୍ଣ୍ଣକାଳୀନ ପୋଷା ଭାବେ ଦେଖାଗଲା। ପାଠପଢ଼ି ଜଣେ ଡ଼ାକ୍ତର ଅଥବା ଇଂଜିନିୟର ହେବା ଆଜିକାଲିର ଛାତ୍ରଛାତ୍ରୀ ମାନଙ୍କର ଭବିଷ୍ୟତ ପାଇଁ ସ୍ୱପ୍ନ ଭାବେ ଗ୍ରହଣୀୟ ହେଲା। ଇଂରେଜ ଶାସନ ସମୟରୁ ପ୍ରାକୃତିକ ଚିକିତ୍ସା ବିରୁଦ୍ଧରେ ବହୁଳ ଅପପ୍ରଚାର ଆରମ୍ଭ ହେବାରେ ଲାଗିଲା। କୁହାଗଲା ଗୁଣିଠୁଣି, ଚେରମୂଳର ପ୍ରୟୋଗ, ମନ୍ତ୍ରତନ୍ତ୍ର ଏସବୁ ଅନ୍ଧ ବିଶ୍ୱାସ। ଚିକିତ୍ସା ହେବ ତ ଡ଼ାକ୍ତର ପାଖକୁ ଯିବ, ଡ଼ାକ୍ତରୀ ଔଷଧ ପ୍ରୟୋଗ କରିବ। ମାତ୍ର ଏହା ସହିତ ଡ଼ାକ୍ତରୀ ଫିସ୍, ମୋଟା ରକମର ଔଷଧ ସହିତ ପ୍ରକାର ପ୍ରକାର (ମଳ, ମୂତ୍ର ଆଦିର) ପରୀକ୍ଷା ରୋଗୀ ଉପରେ ଆର୍ଥିକ ବୋଝ ବଢ଼ାଇବାରେ ଲାଗିଲା। ଆଜି ଗୋଟିଏ ସୁପର ସ୍ପେସାଲିଷ୍ଟ ଡ଼ାକ୍ତରଖାନାରେ ଭର୍ତ୍ତି ହେଲେ ସାଧାରଣ ରୋଗ ପାଇଁ ଲକ୍ଷେ ଟଙ୍କାର ବିଲ୍ ହେଉଥିବା ଦେଖାଯାଉଛି।

ଏ ପ୍ରକାର ପରିସ୍ଥିତିର ପରିବର୍ତ୍ତନ ନିହାତି ଆବଶ୍ୟକ। ଦିନକୁ ୨୦୦-୩୦୦ ଟଙ୍କା ରୋଜଗାର କରୁଥିବା ବ୍ୟକ୍ତିଟିଏ ରୋଗଗ୍ରସ୍ତ ହେଲେ ନିକଟସ୍ଥ ଔଷଧ ଦୋକାନକୁ ଯାଇ ୨-୪ଟି ବଟିକା ଖାଇ ସୁସ୍ଥ ହେଉଥିବା ଦେଖାଯାଉଛି। ତା'ପାଖରେ ଡ଼ାକ୍ତରୀ ଫିସ୍ ଦେବାପାଇଁ ଅବା ଔଷଧ କିଣିବା ପାଇଁ ଶହ ଶହ ଟଙ୍କା କୁଆଡୁ ଆସିବ।

ଚିକିତ୍ସାର ସରଳୀକରଣ ପାଇଁ ଦେଶରେ ଜାଗରଣ ସୃଷ୍ଟି ହେବାରେ ଲାଗିଛି। ପ୍ରାକୃତିକ ଚିକିତ୍ସା, ଜଡ଼ିବୁଟିର ପ୍ରୟୋଗ ଆଜି କେବଳ ସହଜଲବ୍ଧ ନୁହେଁ, ବରଂ ଏହା ବିଦେଶୀ ଚିକିତ୍ସାର ସମକକ୍ଷ ଏବଂ କେତେକ ସ୍ଥଳରେ ବିଦେଶୀ ଚିକିତ୍ସା ଅପେକ୍ଷା ଅଧିକ ଶ୍ରେୟସ୍କର ବୋଲି ପ୍ରମାଣିତ ହେବାରେ ଲାଗିଛି। ସରକାରୀ କାର୍ଯ୍ୟ ମଧ୍ୟ ଏହି ତଥ୍ୟକୁ ଗ୍ରହଣ କରିବାକୁ ଆରମ୍ଭ କଲେଣି। ଆୟୁର୍ବେଦ, ହୋମିଓପାଥିକ ଓ ୟୁନାନି ଆଦି ସମସ୍ତ ଦେଶୀ ଚିକିତ୍ସାକୁ ସରକାର ପ୍ରୋତ୍ସାହନ ଯୋଗାଇ ଦେବା ଆରମ୍ଭ କରିଛନ୍ତି। ଆୟୁଷ (ଇଣଟଝଐ) ନାମକ ବିଭାଗ ଖୋଲାଯାଇ ଡ଼ାକ୍ତରୀ ଶିକ୍ଷା, ଡ଼ାକ୍ତର ନିଯୁକ୍ତି ଏବଂ ଦେଶୀୟ ଔଷଧ ପ୍ରସ୍ତୁତି ପାଇଁ ବ୍ୟବସ୍ଥାମାନ କରାଯାଉଛି। ବୁଡ଼ିଯାଉଥିବା ଅମୂଲ୍ୟ ଜ୍ଞାନ ପୁନରୁଦ୍ଧାର ହେବା ସଦୃଶ ଏହି ଚିକିତ୍ସା ପଦ୍ଧତି ଗୁଡ଼ିକର ପ୍ରଚଳନ ବଢ଼ିବାରେ ଲାଗିଛି ଏବଂ ଧୀରେ ଧୀ



ଶାଶ୍ୱତ ସମ୍ପର୍କ

ସୁନନ୍ଦା ମହାନ୍ତି

କଲେଜରେ ପଢିଲା ବେଳେ ଥାର୍ଡ ଇୟରରେ ଇକୋନୋମିକ୍ସ ହନର୍ସ ଅଳ୍ପ ମାର୍କ ପାଇଁ ମୋର ହାତଛଡ଼ା ହୋଇଯିବା ପରେ ଫିଲୋସଫି ଅନର୍ସ କ୍ଲାସରେ ବାଧ୍ୟ ବାଧକତା ଭିତରେ ମତେ ବସିବାକୁ ପଡ଼ିଲା କାରଣ ସେତେବେଳକୁ ସବୁ ଅନର୍ସ ଫିଲଅପ ହୋଇଗଲାଣି। କିନ୍ତୁ ଅଳ୍ପ ଦିନ ଭିତରେ ଆମ ଅନର୍ସରେ ଥିବା ମୋତେ ଛାଡ଼ି ଆଠ ଜଣ ଝିଅଙ୍କର ମୁଁ ହୋଇଗଲି ଖୁବ ପ୍ରିୟ। ମୁଁ ଚୁପଚାପ୍ ଅନର୍ସ କ୍ଲାସର ଛଅ ଗୋଟି ବିଭାଗରେ ଆସୁଥିବା ପ୍ରିନ୍ସିପାଲ, ହୃଦାନନ୍ଦ ରାଏଙ୍କ ସହ ଆଉ ସମସ୍ତ ଗୁରୁଙ୍କ ପାଠକୁ ମନ ଦେଇ ପଢୁଥିବା ସହ ନୋଟ କରିନେଉଥିଲି, ଲାଇବ୍ରେରୀରୁ ବହିଆଣି ମିଶାଇ ସୁନ୍ଦର ନୋଟ କରୁଥିଲି, ଆଉ ମୋ ନୋଟ ନେବାପାଇଁ ସୁନ୍ଦରୀ ଝିଅ ମିତା ଓ ଭାରତୀ ମୋର ଘନିଷ୍ଠ ହୋଇସାରିଥିଲେ। ନନ୍ଦିତା ଘର ଦଉତୋଟାରେ କଲେଜକୁ ଲାଗି ହେଇଥିବାରୁ ସେ ଆମକୁ ଲିଜର ସମୟରେ ତାଙ୍କ ଘରକୁ ନେଇଯାଏ। ଏବଂ ମିତା ଭାରତୀ ତୁମ ନୋଟ ଫେରାଇଲେ ମୋତେ ଦେବ କୁହେ। ଆଉ ସବୁବେଳେ ତାଙ୍କ ଘରକୁ ଆସୁଥିବା, ଓ୍ୱିଜଡମ ପତ୍ରିକା ପଢିବାକୁ ଦିଏ।

ମଧୁଛନ୍ଦାର ମୋର ଏକା ରାସ୍ତା ଦେଇ ଘରକୁ ଫେରିଲା ବେଳେ ବି ନୋଟ ମାଗେ। ଆଉ ତାର ମିଳିମିଳା ସମୟରେ, ତା ସହ କେହି ମିଶୁ ନଥିବା ବେଳେ ମୁଁ ଖୁବ୍ ମିଶେ ବୋଲି ତା ମୋ ବନ୍ଧୁତ୍ୱ ଚରମ ସୀମାରେ। ହିମାଂଶୁ ନାମକ ଝିଅଟି ଜଣେ ଲେକଚରଙ୍କ ଶାଳୀ ସମ୍ପର୍କୀୟ ହେଇଥିବାରୁ, ସେ ମତେ ନୋଟ ନମାଗି, ସଂଗ୍ରହ କରିନିଏ କୁଆଡୁ କେମିତି। ଆଉ ଦୁଇ ଜଣ ସୁଚିତ୍ରା ଓ ଗୌରୀ, ଟ୍ରେନରେ ଯିବା ଆସିବା କରୁ କରୁ ନୟାନ୍ତ, ଆଉ ସବୁଦିନର ଧାରାବିବରଣୀ ଶୁଣାନ୍ତି ମତେ। ଆଉ ମୋ ଦୁଇପଟ ଦୁଇ ବେଣୀ ଝିଙ୍କି କୁହନ୍ତି କେବେ ତାଙ୍କ ଘର ପୋଷା ବିଲେଇ କୁକୁରଙ୍କ କଥା, ଶୁଣନ୍ତି ମୋଠୁ, ଆଧୁନିକ କିନ୍ତୁ ପୁରୁଣା ଗୀତ। ମୋ ନୋଟ ଖାତା ବୁଲୁଥାଏ ଆ ପାଖରୁ ତା ପାଖକୁ।

ତଥାପି ଆଗେଇ ଚାଲିଥିବା ବିଷୟ ଗୁଡ଼ିକ ପଢେଇଲା ବେଳେ ମୁଁ ଚୁପ ଚାପ ଟିପୁଥାଏ ଅର୍ଥାତ ଲେଖୁଥାଏ ମୋ ବୁଦ୍ଧି ଓ ଜ୍ଞାନ ପରିସୀମା ଭିତରେ ତ, ସେଦିନ, ଘଟିଗଲା ଆଘଟଣ। କୃଷ୍ଣ ସାରଙ୍କ ମେଟାଫିଜିକ୍ କ୍ଲାସରେ କାନ୍ଥକୁ ପାନ ଛେପ ପକାଉ ଥିବା ପୁଅଟିକୁ ସାର ଠିଆ କରେଇ ଗାଳି ଦେଇଥିଲେ କିନ୍ତୁ ପୁଅଟି ନିର୍ବିଘ୍ନରେ କହୁଥିଲା, ସାର ମୁଁ ଏମିତି ପାନଛେପ କ୍ଲାସରେ ପକାଇ ଆସୁଥିଲି, ପକାଉଛି ଓ ପକାଉଥିବି କିନ୍ତୁ ଆପଣ ଆଜି ଅଛନ୍ତି କାଲି ନଥିବେ। ସାର ତାକୁ କ୍ଲାସରୁ ବାହାରି ଯିବାକୁ କହୁଥିବା ପୁର୍ବରୁ, ସେ ଆପେ ଆପେ କ୍ଲାସରୁ ବାହାରି ଯାଇଥିଲା।

ମୋ ମନରେ ସେଦିନ ଖୁବ ଆଘାତ ଲାଗିଥିଲା। ସାର ଭଲ କଥା କହୁଥିଲେ ବି ତାଙ୍କୁ ଏମିତି ବ୍ୟବହାର ଓ କଥା କହିବା ମୋର ହଜମ ହେଉନଥିଲା। ଦୁର୍ଯୋଗକୁ ସେହି ପିଲା ମୋ ପଛ ସିଟରେ ବସି ମୁଁ ଆଡିସିନାଲ ପେପର ଲେଖିଲାବେଳକୁ, ସେ ମୋ ମୂଳ ଖାତା ଜୋର୍ କରି ଛଡେଇ ନେଉଥିଲା। କୃଷ୍ଣ ସାର ଇନଭିଜିଲେଟର ପଢ଼ିଥିଲେ ବି ମୁଁ କିଛି କହିନଥିଲି ସାରଙ୍କୁ ସେ ପୁଅ ନାମରେ ଅଭିଯୋଗ, କାରଣ ସେ ହୁଏତ ସାରଙ୍କୁ କଣ ବୋଲି କଣ କହିଦେଇପାରେ। ମୋ ଯୋଗୁଁ ସାର ଅପମାନିତ ହୁଅନ୍ତୁ ବୋଲି ମୁଁ ଚାହୁଁନଥିଲି କିନ୍ତୁ ପର ପର ବିଷୟ ଗୁଡ଼ିକ ବେଳେ କଣ କରିବି ଭାବି ଚିନ୍ତିତ ହୋଇପଡୁଥିଲା ବେଳେ ସେ ପୁଅ ପରୀକ୍ଷା ଡ୍ରପ କରିଥିଲା ଶୁଣିବାକୁ ପାଇଲି। ରେଜଲ୍ଟ ମାଧ୍ୟମ ଧରଣର ହୋଇଥିଲେ ବି ମେଟାଫିଜିକ୍ସ ଓ ଏଥିକ୍ସରେ ନମ୍ବର କମିଗଲା ବୋଲି ମାର୍କସିଟ ଦେଖି କୃଷ୍ଣ ସାର କହୁଥିବା ବେଳେ ମୁଁ କହିପାରିନଥିଲି, ମୋ ନିଜ ନୋଟ ନପାଇ ମୁଁ କି ହଇରାଣରେ ପ୍ରିପେୟାର କରିଛି ପରୀକ୍ଷା ପାଇଁ ପ୍ରସ୍ତୁତି। ସେତେବେଳେ କହିପାରିନଥିବା କଥାଟି ପରେ କେବେ ସାରଙ୍କୁ କହିବି ଭାବି କେତେ ଖୋଜିଥିଲେ ବି ସାର ଆମ ରଥ ସାହି ପାଖ ଗଡନ୍ତି ଉପର ଘରେ ଆଉ ରହୁନଥିଲେ। ମନେ ପଡ଼େ ଗୁରୁ ଓ ଶିଷ୍ୟ ଭିତରେ ସେ ସମ୍ପର୍କ କେତେ ଶାଶ୍ୱତ।

+ସାକ୍ଷୀଗୋପାଳ
ପୁରୀ
ମୋ: ୭୦୦୮୯୪୨୨୧୫

ସ୍ତନ୍ୟପାନ କରିବା ସମୟରେ କାହିଁକି ଦେଖାଦିଏ ଥକ୍କାପଣ ଭଳି ସମସ୍ୟା ?

ମହିଳାମାନଙ୍କ ଜୀବନଶୈଳୀ ଏତେ ସହଜସାଧ୍ୟ ନୁହେଁ । କେତେବେଳେ ଗର୍ଭଧାରଣ ପାଇଁ ସମସ୍ୟା ଉପୁଜିଥାଏ ତ କେତେବେଳେ ଗର୍ଭଧାରଣ ପରେ । ସେହିପରି ଶିଶୁଟିକୁ ଜନ୍ମ କରିବା ପରେ ମଧ୍ୟ ଆହୁରି ଅନେକ ସମସ୍ୟା ଭୋଗିବାକୁ ପଡେ, ଯେମିତିକି ସ୍ତନ୍ୟପାନ କରିବା ସମୟରେ । ନୂଆ କରି ମା' ହୋଇଥିବା ମହିଳାଙ୍କୁ ଥକ୍କା ଲାଗିଥାଏ, ଖାସ୍ କରି ସ୍ତନ୍ୟପାନ କରିବା ସମୟରେ ।

ସ୍ତନ୍ୟପାନ କରିବା ସମୟରେ ଦେଖାଦିଏ ଥକ୍କାପଣ ଭଳି ସମସ୍ୟା !

ପିଲାଟିକୁ ଜନ୍ମ ଦେବା ପରେ ମା'କୁ ବାରମ୍ବାର ଶିଶୁ ସ୍ତନ୍ୟପାନ କରାଇବା ପାଇଁ ଉଠିବାକୁ ପଡିଥାଏ। ଏହି ସମୟରେ ନିଦ ସମ୍ପୂର୍ଣ୍ଣ ହୋଇପାରି ନଥାଏ । ଯେଉଁକାରଣରୁ ଥକ୍କାପଣ ଅନୁଭବ ହୁଏ । ଏହାସହ କିଛି ମହିଳାମାନଙ୍କର ସ୍ତନ୍ୟପାନ କରାଇବା କାରଣରୁ ସ୍ତନରେ ସଂକ୍ରମଣ ହୋଇଥାଏ, ଯାହାକୁ ମେସ୍ଟାଇଟିସ କହନ୍ତି । ଏହା ହେବା ଦ୍ୱାରା ସ୍ତନ ନାଲି ପଡିବା, ଛୁଇଁଲେ ଦରଜ ହୋଇଥାଏ। ଯଦି ଶିଶୁକୁ ଜନ୍ମ ଦେଲାପରେ ଆପଣ ଥାଇରଏଡ୍ ଭଳି ରୋଗରେ ପୀଡିତ ହୋଇଯାଆନ୍ତି । ତେବେ ଏହି କାରଣରୁ ମଧ୍ୟ ଥକା ଲାଗିଥାଏ । ଶିଶୁକୁ ସ୍ତନ୍ୟପାନ କରାଉଥିବା ବେଳେ ମା'କୁ ନିଜ ଖାଦ୍ୟପେୟ ଉପରେ ଗୁରୁତ୍ୱ ଦେବା ନିହାତି ଜରୁରୀ । ଏହି ସମୟରେ ମା'କୁ ଫାଇବର, ପ୍ରୋଟିନ ଏବଂ କ୍ୟାଲସିୟମଯୁକ୍ତ ଆହାର ଗ୍ରହଣ କରିବା ଉଚିତ । ଡାଲି ଜାତୀୟ ଖାଦ୍ୟ, ଲହୁଣୀ, କ୍ଷୀର ଓ ବାଦାମ ଆଦି ଖାଇଲେ ଶରୀରକୁ ମାତ୍ରାଧିକ ପରିମାଣରେ ପ୍ରୋଟିନ ମିଳିଥାଏ, ଏହାସହ ପର୍ଯ୍ୟାପ୍ତ ପରିମାଣରେ ପାଣି ପିଇବା ମଧ୍ୟ ନିହାତି ଜରୁରୀ । ସ୍ତନ୍ୟପାନ କରୁଥିବା ମହିଳା ପିଲାକୁ କ୍ଷୀର ଖୁଆଇବା ପରେ ଶରୀରରେ ଶୁଷ୍କତା ମଧ୍ୟ ଅନୁଭବ କରିଥାଆନ୍ତି । କାରଣ ଶରୀରରେ ଜଳୀୟ ଅଂଶର ଅଭାବ ଦେଖାଯାଇଥାଏ । ଏହାସହ ଆପଣ ନିଜକୁ ଚଳଚଞ୍ଚଳ ରଖିବା ପାଇଁ ଡାକ୍ତରଙ୍କ ପରାମର୍ଶ କ୍ରମେ ପ୍ରତିଦିନ କିଛି ସମୟ ବ୍ୟାୟାମ କରନ୍ତୁ ।

ଡାକ୍ତରଙ୍କୁ କେତେବେଳେ ପରାମର୍ଶ କରିବେ ?

ଯଦି ଆପଣ ସୁସ୍ଥ ପୋଷକତତ୍ତ୍ୱ ଆହାର ଗ୍ରହଣ କରିବା ପରେ, ମାତ୍ରାଧିକ ଥକ୍କାପଣ ଅନୁଭବ କରୁଛନ୍ତି ତେବେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ । ପୋଷ୍ଟପାର୍ଟମ କାରଣରୁ ମଧ୍ୟ ଥକ୍କା ଲାଗିଥାଏ। ଡାକ୍ତରଙ୍କୁ ପରାମର୍ଶ କଲେ ସେ ଆପଣଙ୍କୁ ସଠିକ୍ ପରାମର୍ଶ ଦେଇପାରିବେ ।

ଆଶିର୍ବାଦ ଏକ ଅଦୃଶ୍ୟ ଚମତ୍କାର

ସମ୍ପର୍କର ରଙ୍ଗ

ଶ୍ୱେତା ରାଉତ

ଜୀବନରେ ଏମିତି ସମୟ ଆସେ, ଆମେ ସାରା ଜୀବନର ପୁଞ୍ଜି ଲଗେଇଦେଲେ ବି ସେ ସମସ୍ୟାରୁ ମୁକୁଳି ପାରନ୍ତିନି। କୌଣସି ଡାକ୍ତରଙ୍କ ନିକଟରେ ଆପଣ ଅନେକ ଲୋକଙ୍କୁ କାନ୍ଦି କାନ୍ଦି ଗୁହାରି କରିବାର ଦେଖିଥିବେ 'ଡାକ୍ତର ବାବୁ'ମୋ ସବୁ ଧନ ସମ୍ପତ୍ତି ନେଇ ଯାଆନ୍ତୁ,ମୋ ପିଲାକୁ କି ମୋ ଲୋକକୁ ଭଲ କରିଦିଅନ୍ତୁ'। ଓକିଲଙ୍କ ନିକଟରେ କେଉଁ ନିର୍ଦ୍ଦୋଷ ପରିବାରକୁ ଗୁହାରି କରିବାର ଦେଖିଥିବେ'ମୋ ଘର ଡିହ ବିକି ପଇସା ଦେଉଛି ମୋତେ ଏଠୁ ମୁକୁଳେଇ ଦିଅନ୍ତୁ। ଈଶ୍ୱରଙ୍କୁ ବି କେହି ଭାବବିହ୍ୱଳ ହୋଇ କହି ପକାନ୍ତି 'ଶହେ ଆଠ ନଡ଼ିଆ ଚଢ଼େଇବି, ହଜାର ବାଳକଙ୍କୁ ଖୁଆଇବି, ସୁନାର ଛତା ଦେବି, ରୂପାର ଆଖି ଦେବି ପ୍ରଭୁ ମୋ ଦୁଃଖ ଦୂର କରିଦିଅ'। ଡାକ୍ତର ହୁଅନ୍ତୁ ଓକିଲ ହୁଅନ୍ତୁ କିମ୍ବା ଈଶ୍ୱର ଆମେ ଯାହା ପାଖରେ ଯେତେ ଧନ ସମ୍ପତ୍ତି ଅଜାଡ଼ି ଦେଲେ ବି ବେଳେବେଳେ କେବଳ ସର୍ବହରା ହେବା ସାର ହୁଏ,ନା ଆମେ କାହାକୁ ବଞ୍ଚାଇ ପାରନ୍ତି ନା ଦୁଃଖରୁ ମୁକୁଳି ପାରନ୍ତି।

କିନ୍ତୁ ଅନେକ ଦୁଃଖୀ ଲୋକ ଅଛନ୍ତି, ଯେଉଁମାନଙ୍କର କିଛି ଅସୁବିଧା ହେଲେ କାହାର ନା କାହାର ସହଯୋଗ ମିଳିଯାଇଥାଏ, ବଡ ବଡ ରୋଗରୁ ମୁକ୍ତି ମିଳଥାଏ, ଅଚାନକ ଗରିବରୁ କେହି ଧନୀ ହୋଇଯାଆନ୍ତି ଏବଂ ଆମେ ତାକୁ ଈଶ୍ୱରଙ୍କ ଚମତ୍କାର ବୋଲି କହିଥାଉ।

ବାସ୍ତବରେ ଈଶ୍ୱର କିଛି ଚମତ୍କାର କରିନଥାନ୍ତି।ଆଶିର୍ବାଦ ହିଁ ଏକ ଅଦୃଶ୍ୟ ଚମତ୍କର ଯାହା ମଣିଷ ନିଜର କର୍ମ ବଳରେ ପ୍ରାପ୍ତ କରିଥାଏ। କିନ୍ତୁ ଆମର ଅଭ୍ୟାସ ଆମେ ସବୁବେଳେ ଦିଶୁଥିବା ଜିନିଷକୁ ହିଁ ବାସ୍ତବ ମାନିଥାନ୍ତି।ଧନ ସମ୍ପତ୍ତି ଦେଖାଯାଏ, ପ୍ରଗତି ଦେଖାଯାଏ, ଆମେ ସମ୍ପତ୍ତି ବଦଳରେ ସମାଧାନ କିଣିବାର ପ୍ରୟାସ ବି କରିଥାନ୍ତି, ହେଲେ ଆଶିର୍ବାଦ ଦେଖାଯାଏ ନାହିଁ, ତେଣୁ ଆଶିର୍ବାଦ ମଣିଷକୁ ଯେତେ ବିପଦରୁ ଉଦ୍ଧାର କଲେ ମଧ୍ୟ ଆଶିର୍ବାଦ ପ୍ରତି ବିଶ୍ୱାସ ଆସେନାହିଁ।

ଧନ ସହିତ ଆଶିର୍ବାଦ ଅର୍ଜନ କରିବା ମଧ୍ୟ ନିହାତି ଜରୁରୀ। ଜଣ ଜଣଙ୍କୁ ଦେଖିଥିବେ ଘର ଡିହ ସବୁ ବିକି ପଇସା ଦେଲେ ବି କାହା ଜୀବନ ବଞ୍ଚେଇ ପାରନ୍ତିନି। ଡାକ୍ତର ରୋଗୀକୁ ଘରକୁ ଫେରେଇ ଦେଇ ଈଶ୍ୱରଙ୍କୁ ଡାକିବାକୁ କହିଦିଅନ୍ତି। କିନ୍ତୁ ଜଣ ଜଣଙ୍କ ପାଖରେ ଟଙ୍କାଟିଏ ନଥାଏ, ପାହାଡ ଭଳି ଦୁଃଖ ଥାଏ, ସେମାନେ ଦୁଃଖ ଭୋଗନ୍ତି ଅଥଚ ହଠାତ୍ କେମିତି କୁଆଡୁ ସହଯୋଗ ମିଳିଯାଏ ଏବଂ ସେ ଦୁଃଖରୁ ଉଭୁରି ଯାଆନ୍ତି, ଅସମ୍ଭବ ସମ୍ଭବ ହୋଇଯାଏ।ଏହା ହିଁ ଆଶିର୍ବାଦ ଅର୍ଜନ କରିବାର ଫଳ।

ଆଶିର୍ବାଦ ସେତେବେଳେ ଅର୍ଜନ କରିହୁଏ, ଯେତେବେଳେ ଆମ ମନରେ ଅନ୍ୟପ୍ରତି ସେବା, ସହଯୋଗ, ସମର୍ପଣର ଭାବ ଥାଏ, ଯାହାକୁ ଆମେ ସୁଖ ଦେଇପାରନ୍ତି, ଯେଉଁ ଆତ୍ମାରୁ ଆମ ପ୍ରତି ଶ୍ରଦ୍ଧାଭାବ ରହିଥାଏ, ତାହା ଆଶିର୍ବାଦ ଭାବେ ଫଳବତୀ ହୁଏ। ବ୍ୟାପାରରେ ଲାଭ କ୍ଷତିର ହିସାବ କେବେକେବେ ହୁଏ କିମ୍ବା ପ୍ରତିମାସ କରାଯାଏ, କିନ୍ତୁ କର୍ମର ହିସାବ ପ୍ରତିକ୍ଷଣ ହେଉଥାଏ ଏବଂ ଆମ କର୍ମର ହିସାବରୁ ହିଁ ସଞ୍ଚିତ ହୋଇଥାଏ ଆମ ଭାଗ୍ୟଫଳ। ଯଦି କାହାପାଇଁ କିଛି କର୍ମ କରିବା ବେଳେ ପ୍ରଶଂସା ଅଥବା ଲାଭବାନ ହେବାର ସ୍ୱାର୍ଥ ରହିଥାଏ, ତାହା ଆଦୌ ଆଶିର୍ବାଦର ଉର୍ଜା ହୋଇ ଭାଗ୍ୟରେ ସଞ୍ଚିତ ହୋଇନଥାଏ। ତେଣୁ କର୍ମ ବି ନିଃସ୍ୱାର୍ଥ ହେବା ଜରୁରୀ। ଏହା କେବେ ପ୍ରତ୍ୟାଖ୍ୟାନ କରାଯାଇ ନପାରେ ଯେ, ଅଜସ୍ର ସମ୍ପତ୍ତିର ମୂଲ୍ୟ ବେଳେବେଳେ ଆଶିର୍ବାଦର ଶକ୍ତିଠାରୁ କମ୍ ପଡ଼ିଯାଏ, କାରଣ ଆଶିର୍ବାଦ ଏକ ଅଦୃଶ୍ୟ ଚମତ୍କାର ଯାହା ଦିଶେନାହିଁ କିନ୍ତୁ ଆଶ୍ୱସ୍ତ କରିଥାଏ।

+ରାଉତ୍ କମ୍ପ୍ଲେକ୍ସ, କଟକ ରୋଡ୍, ଲକ୍ଷ୍ମୀସାଗର,
ଭୁବନେଶ୍ୱର
ମୋ:୯୪୩୯୭୨୬୦୬୦

ରାସ୍ତା

ଡା. ଇପ୍‌ସିତା ପ୍ରଧାନ

ଗେଟ୍‌ରୁ ବାହାରି,
ସିଧାରେ ଦୁଇଶହ ମିଟର ଗଲା ପରେ,
ପ୍ରଥମ ବାଁ ହାତି ଗଳି -
ତା' ପରେ ଛ'ଶହ ମିଟର ପରେ,
ପୁଣି ବାଁ କୁ ମୋଡିବାକୁ ପଡେ,
ତା'ପରେ -
ନା' ଆଉ ବାଙ୍କ ନାଇ,
ପୁରା ସିଧା 'ରାସ୍ତା' ତେଣିକି -
ଦେଢ କିଲୋମିଟର।

ଛୋଟ-ବଡ କରି-
ପଚାଶ କି ଅଧିକା ଦୋକାନ
ସେଇ 'ରାସ୍ତା'ରେ,
ପୂଜା ପାଇଁ ନଡ଼ିଆ-କଦଳୀଠୁ
ରବିବାରିଆ ମାଛ,
କୁଣିଆଘର ମିଠା,
ରୋଷେଇ ପାଇଁ ପରିବା,
ସନ୍ଧ୍ୟା ଖଟି ପାଇଁ ଚା'
ଆଉ ଗପ ପାଇଁ କ୍ୟାରେକ୍ଟର,
ସବୁ ଯୋଗଡ ହୋଇଯାଏ ସେଠୁ!

ସେଇ 'ରାସ୍ତା'ରେ
୧ ରୁ ୩୦ ଯାଏଁ ନିର୍ଭୁଲ ଗଣିଦେଲେ,
ଯୋଗାଡ ହୁଏ -
ମାସିକିଆ ସଉଦା,
ଘର-ଗାଡିର ଇଏମଆଇ,
ସ୍କୁଲ ଆଉ ଡାକ୍ତରଙ୍କ ଫି,
ଖବରକାଗଜଠୁ କ୍ଷୀରବାଲା ପର୍ଯ୍ୟନ୍ତ
ସମସ୍ତଙ୍କ ପାଉଣା !

ସେଇ 'ରାସ୍ତା'ରେ ଧୀରେଧୀରେ -
ହାତ ପାହାନ୍ତାରୁ ଅପହଞ୍ଚ ହୁଅନ୍ତି,
ସାଙ୍ଗ, ସ୍ୱପ୍ନ ଆଉ ଇଚ୍ଛା ମାନେ;
ଖରାଦିନେ ଝାଉଁଳି-
ବର୍ଷାରେ ପତ୍ର ମେଲନ୍ତି ଗଛମାନେ;
ପଂଚର୍ ମରାମତି କରି
ଆଗକୁ ଗାଡି ବଢାନ୍ତି ମଣିଷମାନେ!

ଗେଟ୍ ରୁ ବାହାରି,
ଦିଇଟା ବାଁହାତି ମୋଡପରେ-
ଦେଢ କିଲୋମିଟରର ସିଧା'ରାସ୍ତା';
ନା', ଜିପିଏସ୍ ଅନ୍ କରିବାକୁ ପଡେନି,
ମନେ ଅଛି ମୋର,
ଘୋଷି ହୋଇଯାଇଛି 'ରାସ୍ତା'ଟା!

ସବୁଦିନ ଚାଲେ ମୁଁ ସେଇ 'ରାସ୍ତା'ରେ,
ସକାଳ-ସନ୍ଧ୍ୟା ଅତିକ୍ରମ କରେ ତାକୁ
ତଥାପି ସେ କେବେ ସରେନି!!

+ଭୁବନେଶ୍ୱର
୮୦୧୮୦୫୩୩୯୫

ଗଛ

ସୁମିତା ବେହେରା

ଆଷାଢର ପହିଲି ବର୍ଷା ମାଟିକୁ ଛୁଇଁଲେ
ମୁଁ ଚାରାକୁ କହେ, ଦୀର୍ଘଜୀବୀ ହୁଅ
ବଂଚିବା ଶିଖ, ମାଟିରୁ ଜଳ ନେଇ
ସୂର୍ଯ୍ୟଠାରୁ ଉତ୍ତାପ ନେଇ,
ବାୟୁରୁ ଶୋଷି ନେ ଯାବତ୍ ଆବର୍ଜନା
ଲୋଡା ତୋର ଖାଦ୍ୟ ପାଇଁ
ତୁ ବଢିଯା ବେଗେ ବେଗେ ଛାୟାପ୍ରଦ
ହୋଇ ।

ମୋର କହିବାରେ କଣ ଅଛି
ଏଇ ତ ତାର ପ୍ରାରମ୍ଭ
ସେ ବୁଝିପାରେ ମାଟିର ସ୍ପନ୍ଦନ
ବର୍ଷାର ପ୍ରଣୟ, ଶୀତର ସ୍ୱେଦ ଓ
ଗ୍ରୀଷ୍ମର ଦରଜ, ସବୁ ଋତୁ ଅଋତୁର
ଆବେଦନ ।

ସେ ବଢୁଥାଏ ଧୀରେ ଧୀରେ
ତା ଭିତରେ ବଢେ ଭୟ
ନିଅଣ୍ଟ ସ୍ନେହରେ କାଳେ କିଏ ତା ମୁଣ୍ଡ
ମୋଡିଦେବ
ଅବୟବ ଖଣ୍ଡ ଖଣ୍ଡ କରି, କିଏ ବା
ପୋତିଦେବ, ଅଜଣା ଗର୍ତ୍ତରେ,
ଆଉ କି ଗଜୁରି ପାରିବ,

ଦିବ୍ୟ ଝଲକ ନେଇ
ପୁଷ୍ଟିତ ହୋଇ ମୁଖର ହେବ !!

ଆ, କହି କିଏ, ହାଣି ଦେବ ମୂଳରୁ
ସଜାଇବା ପାଇଁ ତା ଡ୍ରଇଂ ରୁମ
ମିଠା ସମ୍ଭାଷଣ ରେ କେହି ଛଡାଇ ନେଇ
ତା ଉଜ୍ଜ୍ୱଳ ସବୁଜପଣ
ଅନାୟାସରେ ଭରିଦେବ ଶୂନ୍ୟତା ।

ତା ଠାରୁ ଭଲ, ଆ ତୋତେ ମୁଁ
କେଉଁ ଅଗମ୍ୟ ଅଞ୍ଚଳରେ ରୋପି ଦେବି
ତୁ ଥିବୁ ତୋ ନିଜ ଦର୍ପରେ
ଆପଣା ହସ ଲୁହରେ,
ଆଃ, ବୋଲି ଯାତନାର
ଶବ୍ଦଟେ ନବାହାରୁ ।

ତୁ ବଢୁଥିବୁ ସବୁରି ଅଲକ୍ଷ୍ୟରେ
ଶକ୍ତ ହୋଇ
ଅତୁଳନୀୟ ପ୍ରାଣମୟ ମାଧୁର୍ଯ୍ୟରେ ।

ଟିକେ ଆବେଗ

ଶୁଭଦର୍ଶିନୀ ଦାଶ

ନିଦାଘ ସତେ ଭାରି ନିଷ୍ଠୁର
ଶୁଣି ତା ଆଗମନ
ଚିନ୍ତାରେ ପଡନ୍ତି
ଗଗନ ଠୁ ପବନ,
ସର୍ବେ ଡାକୁଥାନ୍ତି
ତ୍ରାହି ତ୍ରାହି।
ଧରଣୀ ରାଣୀ
ତା ଛାତିକୁ ଫଟାଇ
ଜଳ କୁ ନିଗାଡ଼ି
ଦିଏ ଉଡାଇ,
ବରଷା ରାଣୀକୁ ଡାକିବା ପାଇଁ ।
ବରଷା ର ପହିଲି ଛିଟା
ଯେବେ ତାକୁ ଯାଏ ଛୁଇଁ
ଧରଣୀ ରାଣୀ ତା ଭିଜା
ମହକ ଦିଏ ଖେଳାଇ
ପ୍ରେମ ଋତୁକୁ ସ୍ୱାଗତ କରିବା ପାଇଁ ।
ଆଜି ଶ୍ରାବଣୀ ଲୁଚିଛି
ଧରଣୀ ରାଣୀ ଏବେ
ସଜେଇ ବାହାରିଛି,
ତା ପରିପାଟୀ
ଆହା କି ସୁନ୍ଦର,

ସବୁଜ ଓଢଣୀଟା ତାର ତାକୁ ଭାରି ମାନୁଛି ।
ଦେଖି ତା ସୌନ୍ଦର୍ଯ୍ୟ
ରୂପର କାନ୍ତି
ଭଦୁଅ ସୂର୍ଯ୍ୟ ବି
ଇର୍ଷାରେ ଜଳୁଛି,
ଘଡିଏ ମୁହଁ ଦେଖାଇ ଘଡିଏ ଲୁଚୁଛି ।
ତେଣେ ମିତଣି ଶୀତ
ତାକୁ ଭେଟିବାର
ଦିନ ଗଣିଲାଣି,
ତା ଶୀତୁଆ ସକାଳେ
ଜାଡୁଆ ଥଣ୍ଡାରେ
କାଳେ ଥରି ଉଠିବ
ଧରଣୀ ରାଣୀର
କୋମଳ ଦେହଟି,
ତିଆରି ରଖିବ
ଅଳସି ସୁନାଖଚିତ ପାଟଓଢଣୀ
ଦେବ ତାକୁ ତାର ସ୍ନେହିଁ ଭରା ଭେଟି ।

+ଭୁବନେଶ୍ୱର

କାଗଜ କଳ ଅବସରପ୍ରାପ୍ତ ଶ୍ରମିକଙ୍କ ଆନ୍ଦୋଳନ ଚେତାବନୀ

ଜୟପୁର,୭/୦୯ (ନି.ପ୍ର): ଜୟପୁର ସେବା କାଗଜ କଳ ଅବସରପ୍ରାପ୍ତ ଶ୍ରମିକ ମାନେ ସେମାନଙ୍କ ପିଏଫ୍, ପେନସନ୍ ଓ ବକେୟା ପାଉଣା ଦାବିକରି ବାରମ୍ବାର ହାରିଗୁହାରି କରୁଥିଲେ ମଧ୍ୟ ନୂଆ କମ୍ପାନୀ ମ୍ୟାନେଜମେସଟ କେବଳ ପ୍ରତିଶ୍ରୁତି ଦେଇ ତାରିଖ ଘୁଂଚେଇ ଚାଲିଛନ୍ତି। ୨୦୨୦ ଫେବୃଆରୀ ମାସରୁ ପୁରୁଣା ବିଲ୍ଡ କମ୍ପାନୀକୁ ଏକ ବିଟିଏ (ବିଜିନେସ୍ ଟ୍ରାନ୍ସଫର୍ ଏଗ୍ରିମେଂଟ) ଯାହାକି ହରିଆନା ରାଜ୍ୟ ସରକାର ଙ୍କ ଷ୍ଟାମ୍ପ ପେପର୍ ରେ ଦ୍ୱିପାକ୍ଷିକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି, ତାରି ମାଧ୍ୟମରେ ମଦର୍ ଆର୍ଥ୍ କମ୍ପାନୀ ମ୍ୟାନେଜମେଂଟ ହାତକୁ ନେଇ ୨୦୨୦ ମସିହା ଜୁନ୍ ୦୮ ତାରିଖରେ ଇଣ୍ଡସ୍ ଇଣ୍ଡ୍ ବ୍ୟାଙ୍କ ରୁ ୧୫୦ କୋଟି ଟଙ୍କା ଋଣ ନେଇଛି । ସେହି ଋଣ ଟଙ୍କାକୁ କମ୍ପାନୀ ଚଲେଇବାରେ ନଲଗାଇ ସେଥିରୁ ୧୦୦ କୋଟି ଟଙ୍କା ପୁରୁଣା କମ୍ପାନୀର ମୁଖ୍ୟ ଗୌତମ୍ ଥାପରକୁ ଦେଇ ଦେଇଛି । କମ୍ପାନୀ ଚଲେଇବା ପାଇଁ ଗୌତମ ଥାପର ମୁଖ୍ୟ ଥିବା ବିଜିପିପିଏଲ୍ କୁ ଓଡ଼ିଶା ସରକାର ଲିଜ୍ ଦେଇଥିଲେ । ସେଥିପାଇଁ ନୂଆ କମ୍ପାନୀ ଓଡ଼ିଶା ସରକାର ଙ୍କ ଠାରୁ ଅନୁମତି ନେଇନଥିଲା । ନଭେମ୍ବର ୨୦୨୧ ରେ କମ୍ପାନୀ ଚାଲେଇବା ପାଇଁ ଅନୁମତି ପତ୍ର ଏବଂ ଜମିଜମା ରେକର୍ଡ ନୂଆ କମ୍ପାନୀ ମଦର ଆର୍ଥ୍ ନାମରେ ବଦଳେଇଲେ । କମ୍ପାନୀ ବିକ୍ରିବଟା କାରବାର ସମ୍ବନ୍ଧରେ ଶ୍ରମିକ ଏବଂ ସଂଘ ମାନଙ୍କୁ ଅନ୍ଧାରରେ ରଖାଗଲା । ଯେଉଁ ଶ୍ରମିକ ମାନେ କାମ କରୁଛନ୍ତି ସେମାନଙ୍କୁ ଅଳ୍ପ ଦରମା ଦିଆଯାଉଛି । ଅବସରପ୍ରାପ୍ତ ଶ୍ରମିକ ମାନେ ସେମାନଙ୍କ ପ୍ରୋଭିଡେଣ୍ଟ୍ ଫଣ୍ଡ୍ ଟଙ୍କା ପାଇପାରୁ ନାହାନ୍ତି ଏବଂ ଟଙ୍କା ଜମା ହୋଇନଥିବା ତଥା ନୂଆ ଏକାଉଂଟକୁ ନ ଆସିଥିବାରୁ ପେନସନ୍ ପାଇପାରୁ ନାହାନ୍ତି । ଇତି ମଧ୍ୟରେ ୨୭ ରୁ ଉର୍ଦ୍ଧ ଶ୍ରମିକ ମରିଗଲେଣି । ଜଣେ ଶ୍ରମିକ କୋରୋନା ରେ ମରିଗଲେ । ସେମାନଙ୍କ ପରିବାର ସବୁ ସୁବିଧା ରୁ ବଂଚିତ ହୋଇଛନ୍ତି । ନୂଆ କମ୍ପାନୀ ମ୍ୟାନେଜମେଣ୍ଟ ବାରମ୍ବାର ଚାପ ପ୍ରୟୋଗ କରିବାରୁ ଅବସରପ୍ରାପ୍ତ ଶ୍ରମିକ ମାନେ କିଏ କେତେ ବକେୟା ପାଉଣା ପାଇବେ ତାର ହିସାବ ଫର୍ଦ୍ଦ ଦେଲା କିନ୍ତୁ ସର୍ତ ରଖିଛି ୫୫୫୦ ଟନ୍ ମାସିକ ଉତ୍ପାଦନ ଲକ୍ଷ ହାସଲ ହେଲେ ପାଉଣା ଦେବା ଆରମ୍ଭ କରିବ । ଗତ ଅଗଷ୍ଟ ମାସରେ ମୋଟ ୬୯୭ ଟନ୍ ବା ଦୈନିକ ମାତ୍ର ୨୩ ଟନ୍ କାଗଜ ଉତ୍ପାଦନ ହୋଇଛି । ଙ୍କଚାମାଲ,କେମିକାଲ ଓ କୋଇଲା ଆବଶ୍ୟକ ପରିମାଣର ଆସୁନାହିଁ। ଏସବୁ ର ଅଭାବ ପାଇଁ ମେସିନ୍ ବନ୍ଦ ରହୁଛି । ଦୁଇଟି ଯାକ ମେସିନ୍ ଚାଲିପାରୁ ନାହିଁ । କମ୍ପାନୀ ଚଲେଇବା ପାଇଁ ଅବସରପ୍ରାପ୍ତ ଶ୍ରମିକ ମାନେ ସହଯୋଗ କରି କାମକୁ ଯାଉଛନ୍ତି । କିନ୍ତୁ ସେମାନଙ୍କୁ କମ୍ ଦରମା ଦିଆଯାଉଛି ଅଥଚ ଏ କମ୍ପାନୀରେ ଆଗରୁ କାମ କରି ଅନ୍ୟ କମ୍ପାନୀ ରୁ ଅବସର ପରେ ଆସି କାମକରୁଥିବା ଶ୍ରମିକ ମାନଙ୍କୁ ତିନିଗୁଣ ଅଧିକ ଦରମା ଦିଆଯାଉଛି । ପାତର ଅନ୍ତର ମୁହଁ ଦେଖା କାମକରି କିଛି ଶ୍ରମିକ ଙ୍କୁ ନିଯୁକ୍ତି ଦିଆଯାଉ ନାହିଁ । ଏଣୁ ଅବସରପ୍ରାପ୍ତ ଶ୍ରମିକ ମାନେ ଦାବି କରିଛନ୍ତି ଯେଉଁ ମାନେ ନିଯୁକ୍ତିରୁ ବଂଚିତ ରହିଛନ୍ତି ସେମାନଙ୍କ ବକେୟା ପାଉଣା ରୁ ମାସିକ ୨୦,୦୦୦/ ଟଙ୍କା ଦିଆଯାଉ ଏବଂ ମୃତ ଶ୍ରମିକଙ୍କ ପରିବାରର ସଦସ୍ୟଙ୍କୁ ସମସ୍ତ ପାଉଣା ଏକକାଳିନ ଦିଆଯାଉ । ପି ଏଫ୍ ଏବଂ ପେନସନ୍ ଶୀଘ୍ର ବ୍ୟବସ୍ଥିତ କରାନଗଲେ ସାମୁହିକ ଭାବରେ ହେଉ ବା ବ୍ୟକ୍ତିଗତ ଭାବେ ମଧ୍ୟ ଅବସରପ୍ରାପ୍ତ ଶ୍ରମିକ ମାନେ ଆନ୍ଦୋଳନ କରିବାକୁ ବାଧ ହେବେ ବୋଲି ଶ୍ରମିକ ନେତା ପ୍ରମୋଦ କୁମାର ମହାନ୍ତି ଙ୍କ ନେତୃତ୍ୱରେ ଶ୍ରୀ ପ୍ରଭାକର ପ୍ରହରାଜ, ପ୍ରକାଶ ଚୌଧୁରୀ , ପି ପ୍ରଭାକର ପ୍ରମୁଖ ଲେଖି ଜଣାଇବା ସହ ଶ୍ରମ ବିଭାଗର ହସ୍ତକ୍ଷେପ ଲୋଡିଛନ୍ତି ।

ପ୍ୟାକ୍ସ ସାର ଉଠାଇଲେନି; ଚାଷୀଙ୍କୁ ଲୁଟୁଛନ୍ତି ଡିଲର, ବେପାରୀ

ବ୍ରହ୍ମପୁର,୭/୦୯ (ନି.ପ୍ର): ଗଞ୍ଜାମ ଜିଲ୍ଲାରେ ଖରିଫ୍ ଚାଷ ଏବେ ଜୋର ଧରିଛି । ଗତ ମାସରେ ହୋଇଥିବା ଲଘୁଚାପ ବର୍ଷା ପରେ ଚାଷ କାର୍ଯ୍ୟ ଆଗେଇଛି । କ୍ଷେତ୍ରରେ ଧାନଗଛ ବଢ଼ିବା ଆରମ୍ଭ ହୋଇଥିବା ବେଳେ ଏବେ ସାର ପ୍ରୟୋଗ କରିବାର ସମୟ ଆସିଛି । ହେଲେ ଗଞ୍ଜାମ ଜିଲ୍ଲାରେ ଚାଷୀଙ୍କୁ ଆବଶ୍ୟକ ପରିମାଣ ସାର ମିଳୁ ନଥିବା ବିଭିନ୍ନ ମହଲରେ ଅଭିଯୋଗ ହୋଇଛି । ଏ ପର୍ଯ୍ୟନ୍ତ ଜିଲ୍ଲାର ବହୁ ସମବାୟ ସମିତି ସାର ଉଠାଇ ନାହାନ୍ତି । ଏଣୁ ଚାଷୀଙ୍କୁ ଡିଲର ଓ ଖୁଚୁରା ବେପାରୀଙ୍କ ଉପରେ ଭରସା କରିବାକୁ ପଡୁଛି । କେତେକ ବ୍ଲକ୍‌ର ପଞ୍ଚାୟତରେ ଡିଲର ମଧ୍ୟ ନାହାନ୍ତି । ମୁନାଫାଖୋର ବ୍ୟବସାୟୀ ଏହାର ଫାଇଦା ଉଠାଇ ଦୁଇଗୁଣା ଦରରେ ସାର ବିକ୍ରି କରୁଥିବା ଅଭିଯୋଗ ହୋଇଛି । ଏହାଦ୍ୱାରା ଚାଷୀ ଅଯଥାରେ କେବଳ ଖର୍ଚ୍ଚାନ୍ତ ହେଉନାହାନ୍ତି, ସାର କିଣି ଲୁଟି ହେଉଛନ୍ତି । ଏହାକୁ ନେଇ ଚାଷୀ ଅସନ୍ତୋଷ ବଢ଼ିବାରେ ଲାଗିଛି । ତୁରନ୍ତ ସାର ସମସ୍ୟା ସମାଧାନ ନହେଲେ ଆଗକୁ ଚାଷୀ ଆନ୍ଦୋଳନ ମୁଣ୍ଡ ଟେକିବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ପାରିବ ନାହିଁ ବୋଲି ବିଭିନ୍ନ ମହଲରେ ମତ ପ୍ରକାଶ ପାଇଛି ।

ଗଞ୍ଜାମ ଜିଲ୍ଲାରେ ୪୬୪ଟି ପ୍ରାଥମିକ ସେବା ସମବାୟ ସମିତି(ପ୍ୟାକ୍ସ) ରହିଛି । ସେହିପରି ପ୍ରାୟ ୩ହଜାର ଡିଲର ରହିଛନ୍ତି । ସରକାର ମାର୍କଫେଡ୍ ଜରିଆରେ ସମିତି ଓ ଡିଲରଗୁଡ଼ିକୁ ସାର ଯୋଗାଇଥାନ୍ତି । ଏଥର ଅଗ୍ରୀମ ଟଙ୍କା ପୈଠ କରିବା ପରେ ସାର ଯୋଗାଣ କରାଯାଉଛି । ଚଳିତ ବର୍ଷ ଜିଲ୍ଲାର ୩୮୩ ସମିତି ସାର ବିକ୍ରି କରିବା ପାଇଁ ଲାଇସେନ୍ସ ପାଇଛନ୍ତି । ସେମାନଙ୍କୁ ପିଓଏସ୍ ମେସିନ୍ ମଧ୍ୟ ପ୍ରଦାନ କରାଯାଇଛି । ସରକାରୀ ଧାର୍ଯ୍ୟ ଦରରେ ସାର ବିକ୍ରି କରିବା ପାଇଁ ସମିତିଗୁଡ଼ିକୁ ନିର୍ଦ୍ଦେଶ ଜାରି କରାଯାଇଛି । ଏହି ୩୮୩ଟି ସମିତି ଗତକାଲି ସୁଦ୍ଧା ୨୬ହଜାର ମେଟ୍ରିକ୍ ଟନ୍(ଏମ୍‌ଟି) ସାର ଉଠାଇଛନ୍ତି । ଗଞ୍ଜାମ ଜିଲ୍ଲା ପାଇଁ ଖରିଫ୍ ଋତୁରେ ପ୍ରାୟ ୭୨ହଜାର ଏମ୍‌ଟି ସାର ଆବଶ୍ୟକ ପଡ଼ିଥାଏ । ତନ୍ମଧ୍ୟରୁ ୬୮ହଜାର ଏମ୍‌ଟି ସାର ଜିଲ୍ଲାରେ ପହଞ୍ଚି ସାରିଛି । ତନ୍ମଧ୍ୟରୁ ସିଂହଭାଗ ସାର ଡିଲରମାନେ ଉଠାଇଥିବା ବେଳେ ପ୍ରାୟ ୩୮ରୁ ୪୦ ପ୍ରତିଶତ ସାର ସମିତିଗୁଡ଼ିକ ଉଠାଇଛନ୍ତି । ସମିତିଗୁଡ଼ିକ କମ ପରିମାଣ ସାର ଉଠାଉଥିବାରୁ ତାହା ଶୀଘ୍ର ସମାପ୍ତ ହୋଇଯାଉଛି । ଫଳରେ ଚାଷୀଙ୍କୁ ଡିଲରଙ୍କ ଉପରେ ଭରସା କରିବାକୁ ପଡୁଛି । ଯେଉଁ ପଞ୍ଚାୟତରେ ଡିଲର ନାହାନ୍ତି ସେଠାରେ ଚାଷୀ ଶୋଷଣର ଶିକାର ହେଉଛନ୍ତି । ସେପଟେ ଜିଲ୍ଲା କୃଷି ଅଧିକାରୀ ଦିଲ୍ଲୀପ ଖୁଣ୍ଟିଆ କହନ୍ତି, ସାର କଳାବଜାର ଉପରେ ତୀକ୍ଷ୍ଣ ନଜର ରଖାଯାଇଛି । ପିଓଏସ୍ ମେସିନ୍‌ରେ ବିଲ୍ ଦେଇ ସାର ବିକ୍ରି କରିବା କୁହାଯାଇଛି । ଯଦି କୌଣସି ସ୍ଥାନରେ ଅଧିକ ଦରରେ ସାର ବିକ୍ରି ଅଭିଯୋଗ ଆସିବ ତେବେ ସେଠାରେ ଚଢ଼ଉ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି । ଋଷିକୁଲ୍ୟା ରୟତ ମହାସଭାର ସମ୍ପାଦକ ସୀମାଞ୍ଚଳ ନାହାକ କହନ୍ତି, ଜିଲ୍ଲାରେ ଥିବା ସମିତିଗୁଡ଼ିକୁ ୭୦ ପ୍ରତିଶତ ସାର ଯୋଗାଣ କରିବାକୁ ବହୁବାର ଦାବି କରାଯାଇଛି । ହେଲେ ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେଉ ନାହିଁ। ସମିତିଗୁଡ଼ିକ ଅଳ୍ପ ପରିମାଣ ସାର ଆଣୁଛନ୍ତି । କାରଣ ଅଧିକାଂଶ ସମିତିର ଗୋଦାମ ଗୃହ ନାହିଁ। ସାର ଆସିବା କ୍ଷଣି ପ୍ରଥମେ ସମିତିର ସଦସ୍ୟମାନେ କିଣୁଛନ୍ତି । ବଳକା ରହିଲେ ସାଧାରଣ ଚାଷୀ ପାଉଛି, ନହେଲେ ନାହିଁ। ଏଣୁ ସାର ପାଇଁ ଚାଷୀ ବାଧ ହୋଇ ଡିଲର ଓ ଖୁଚୁରା ବେପାରୀଙ୍କ ନିକଟକୁ ଦୌଡ଼ିବାକୁ ବାଧ ହେଉଛନ୍ତି । ଚାଷୀଙ୍କ ସୁବିଧା ପାଇଁ ପ୍ରତ୍ୟେକ ସୋସାଇଟିକୁ କିପରି ସାର ଯୋଗାଣ କରାଯାଇ ସଠିକ୍ ଦରରେ ଚାଷୀଙ୍କୁ ଦିଆଯିବ ସେ ଦିଗରେ ଦୃଷ୍ଟି ଦେବାକୁ ସେ ଦାବି କରିଛନ୍ତି ।

ଆଦିବାସୀ ଜାଗରଣ ସଂଘ ତରଫରୁ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ

ଜୟପୁର,୭/୦୯ (ନି.ପ୍ର): ପଦ୍ମଶ୍ରୀ କମଳା ପୂଜାରିଙ୍କୁ ନଚାଇବା ଘଟଣାକୁ ନେଇ ବିଭିନ୍ନ ଆଦିବାସୀ ସଂଗଠନ ତରଫରୁ ନିନ୍ଦା କରାଯାଇଛି । ଏହାର ପ୍ରତିବାଦରେ ଆଜି ଆଦିବାସୀ ଜାଗରଣ ସଂଘ ତରଫରୁ ଉପ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଜୟପୁର ଉପ ଜିଲାପାଳ ବେଦବର ପ୍ରଧାନଙ୍କ ଜରିଆରେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବୀ ପତ୍ର ପ୍ରଦାନ କରାଯାଇଛି । ପଦ୍ମଶ୍ରୀ କମଳା ପୂଜାରି ଭାରତ ବର୍ଷର ସମ୍ପତି । କୋରାପୁଟ ଜିଲାର ସମଗ୍ର ଆଦିବାସୀ ତଥା ସମସ୍ତ କୋରାପୁଟିଆଙ୍କ ଆଦର୍ଶ ଓ ଦିଗର୍ଶକ ମହିଳା ଅଟନ୍ତି । ପଦ୍ମଶ୍ରୀ କମଳାଙ୍କ ଶାରିରିକ ଅସୁସ୍ଥତା ସମୟରେ ରାଜ୍ୟ ସରକାର କଟକ ଏସସିବି ମେଡିକାଲ କଲେଜରେ ଚିକିତ୍ସା କରାଇଥିଲେ। କିନ୍ତୁ, ପଦ୍ମଶ୍ରୀ କମଳା ପୂଜାରିଙ୍କ ଅସୁସ୍ଥତା ଓ ସରଳତାର ସୁଯୋଗ ନେଇ ଜଣେ ମହିଳା ସ୍ୱେଚ୍ଛାସେବି ବୋଲି ପରିଚୟ ଦେଇ କଟକ ଏସସିବି ମେଡିକାଲ କଲେଜର ଆଇସିୟୁକୁ ଅବାଧ ପ୍ରବେଶ କରି ସେବା କରିବାର ମିଛ ବାହାନା କରି ତାଙ୍କ ପ୍ରତି ଅସଦ ବ୍ୟବହାର କରାଇଥିଲେ। କମଳାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଠିକ ନଥିବା ଜାଣି ସୁଦ୍ଧା ତାଙ୍କୁ ରୋଗି ଶଯ୍ୟାରୁ ଉଠାଇ ଜବରଦସ୍ତ ନାଚ କରିବାକୁ ବାଧ କରିଥିଲେ । ନିଜ ମୋବାଇଲରେ ଭିଡିଓ ଉତୋଳନ କରି ଭାଇରାଲ କରି ପ୍ରଚାର ପ୍ରସାର କରି ମଜା ଉଠାଇଛନ୍ତି । ଯାହା ସମଗ୍ର କୋରାପୁଟ ଜିଲାବାସୀଙ୍କ ସହ ସମଗ୍ର ଆଦିବାସୀଙ୍କ ଭାଗାବେଗକୁ ଆଘାତ ଦେଇଛି । ତେଣୁ ଆଇନ ଅନୁଯାୟୀ ତଦନ୍ତ କରି ଉକ୍ତ ସ୍ୱେଚ୍ଛାସେବି ମହିଳା ଓ ଅନ୍ୟ ଦୋଷି ମାନଙ୍କ ପ୍ରତି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସଂଘର ସଭାପତି ସତ୍ୟ ନାରାୟଣ ନାୟକ, ସମ୍ପାଦକ ଧନପତି ନାୟକ ଜଗବନ୍ଧୁ ମାଝୀ ପ୍ରମୁଖ ଦାବି କରିଛନ୍ତି ।

ନାରାୟଣ ନନ୍ଦ ସ୍ମୃତି କମିଟି ପକ୍ଷରୁ ୨୫ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ

ଘସିପୁରା,୭/୦୯ (ନି.ପ୍ର): ଗୁରୁଙ୍କୁ ନ ମଣିବ ନର ଗୁରୁ ହିଁ ସାକ୍ଷାତ୍ ଇଶ୍ୱର ଏହାକୁ ମର୍ମେ ମର୍ମେ ଅନୁଭବ କରି କରି ନାରାୟଣ ନନ୍ଦ ସ୍ମୃତି କମିଟି ପକ୍ଷରୁ ଫଚ ବିଂଶତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପବିତ୍ର ଗୁରୁ ଦିବସ ରେ ଫକିରପୁର ସରକାରୀ ଉଚ୍ଚବିଦ୍ୟାଳୟ ପରିସରରେ ନାରାୟଣ ନନ୍ଦ ସ୍ମୃତି କମିଟି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ହରିହର ନାଥ ସଭାପତିତ୍ୱ କରିଥିବା ବେଳେ କମିଟି ର ସଦସ୍ୟ ରାମଚନ୍ଦ୍ର ସୁର ଅତିଥି ପରିଚୟ ପ୍ରଦାନ କରିଥିଲେ। ନାରାୟଣ ନନ୍ଦ ସ୍ମୃତି କମିଟିର ଦିବଂଗତ ସଦସ୍ୟ ମାନଙ୍କ ପାଇଁ ଏକ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା ସଂପାଦକ ମନିନ୍ଦ୍ର କୁମାର ପଣ୍ଡା ବିବରଣୀ ପାଠ କରିଥିଲେ । ପ୍ରାକ୍ତନ ଗୁରୁ ଗୋବିନ୍ଦ ଚନ୍ଦ୍ର କର ଓ ମୁରଲି ଧର ପଣ୍ଡା ଙ୍କୁ ଗୁରୁ ଗୌରବ ସମ୍ମାନ ଦେବା ସହ ସୂର୍ଣ୍ଣ ପଦକ ଦେଇ ସମ୍ମାନୀତ କରାଯାଇଥିଲା । ଏଥି ସହିତ ବିଦ୍ୟାଳୟ ର ପ୍ରାକ୍ତନ ପ୍ରଧାନ ଶିକ୍ଷକ ହୃଶିକେଶ ମହାନ୍ତି, ପ୍ରଫେସର ବୃନ୍ଦାବନ ଗୁଇଁ ,ଗୋବିନ୍ଦ ଚନ୍ଦ୍ର କର ଓ ମୁରଲି ଧର ପଣ୍ଡା ଙ୍କୁ ଏହି ଉତ୍ସବରେ ଅଙ୍ଗ ବସ୍ତ୍ର ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ପୁରାତନ ଛାତ୍ର ଧୁମକେତୁ ଦାସ ନାରାୟଣ ନନ୍ଦ ଙ୍କ ସ୍ମୃତିଚାରଣ କରିଥିଲେ । ରେବତୀ ନନ୍ଦ, ସଂଜୟ ବେହେରା , ପୂର୍ଣ୍ଣଚନ୍ଦ୍ର ସା ଶ୍ରଦ୍ଧାଞ୍ଜଳି, ମାନପତ୍ର ପାଠ କରି ଥିବା ବେଳେ ସଦସ୍ୟ ବୈଲୋଚନ ସୁତାର ପ୍ରଫେସର ନରୋତ୍ତମ ଦାସ କମିଟିର ସଭାପତି ଶ୍ରୀ ନାଥ ଓ ସଂପାଦକ ମନିନ୍ଦ୍ର ପଣ୍ଡା ଙ୍କୁ ଅଙ୍ଗ ବସ୍ତ୍ର ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ । ଏଥି ସହିତ ବିଦ୍ୟାଳୟର କୃତି ଛାତ୍ର ଛାତ୍ରୀ ମାନଙ୍କୁ ଅତିଥି ମାନେ ପୁରସ୍କାର ପ୍ରଦାନ କରାଯାଇଥିବା ବେଳେ ସଦସ୍ୟ ରାମଚନ୍ଦ୍ର ସୁର ଧନ୍ୟବାଦ ଦେଇଥିଲେ।

କେନ୍ଦ୍ରାପଡ଼ା ଦୃଷ୍ଟିହୀନ ବିଦ୍ୟାଳୟରେ ୩୦ ଛାତ୍ରଛାତ୍ରୀଙ୍କର ଚକ୍ଷୁ ପରୀକ୍ଷା ଶିବିର

କେନ୍ଦ୍ରାପଡ଼ା,୭/୦୯ (ନି.ପ୍ର): କେନ୍ଦ୍ରାପଡ଼ା ଦୃଷ୍ଟିହୀନ ବିଦ୍ୟାଳୟରେ ୩୦ ଛାତ୍ରଛାତ୍ରୀଙ୍କର ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି । ପୌରାଂଚଳ ଅନ୍ତର୍ଗତ ଅଯୋଧ୍ୟାନଗର ଠାରେ ଥିବା ଦୃଷ୍ଟିହୀନ ବିଦ୍ୟାଳୟରେ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ତରଫରୁ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଚକ୍ଷୁ ବିଶେଷଜ୍ଞ ଡାକ୍ତର କୁଳମଣି ମଲିକ ଯୋଗଦେଇ ବିଦ୍ୟାଳୟର ୨୯ ଜଣ ଛାତ୍ରଛାତ୍ରୀମାନଙ୍କ ଚକ୍ଷୁ ପରୀକ୍ଷା କରିଥିଲେ । ଏଥିମଧ୍ୟରୁ ୧୦ ଜଣ ଛାତ୍ରୀଛାତ୍ରୀମାନଙ୍କର ଅଧିକ ଚକ୍ଷୁ ପରୀକ୍ଷାର ଆବଶ୍ୟକ ଥିବା ରାଜ୍ୟ ମୁଖ୍ୟ ଚିକିତ୍ସାଳୟକୁ ସୁପାରିଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ, ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସ୍ୱପ୍ନାଂଶୁ କୁମାର ଦାସ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଅଧିକ ଚକ୍ଷୁ ପରୀକ୍ଷା ଆବଶ୍ୟକ କରୁଥିବା ଛାତ୍ରଛାତ୍ରୀମାନଙ୍କୁ ସରକାରୀ ସହାୟତାରେ ଏଲ୍‌ଭି ପ୍ରସାଦ ଚକ୍ଷୁ ପ୍ରତିଷ୍ଠାନ କେନ୍ଦ୍ରରେ ଚିକିତ୍ସା କରାଯାଇ ଅସ୍ତ୍ରୋପଚାର କରାଯିବ ବୋଲି ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀ ଦାସ ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ବଟକୃଷ୍ଣ ବାରିକ, ମହେନ୍ଦ୍ର ପ୍ରସାଦ ସିଂହ, ଗୀତାଞ୍ଜଳୀ ଦାସ, ମାନିନୀ ବେହେରା, ବିକାଶ ଦାସ, ଅଲେଖ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

ଆନନ୍ଦ ଜେନା ସ୍ମୃତି କମିଟି ପକ୍ଷରୁ ସଂସ୍କୃତି ନିର୍ଦ୍ଦେଶକଙ୍କୁ ସମ୍ବର୍ଦ୍ଧନା

କେନ୍ଦ୍ରାପଡ଼ା,୭/୦୯ (ନି.ପ୍ର): ବିଳ୍ପବୀ ଆନନ୍ଦ ଜେନା ସ୍ମୃତି କମିଟି ପକ୍ଷରୁ ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ନିର୍ଦ୍ଦେଶକ ତଥା ସୁପରିଚିତ ସାହିତ୍ୟିକ ରଞ୍ଜନ କୁମାର ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ସ୍ମୃତିକମିଟିର ସଭାପତି କରୁଣାକର ଦାସ, ସଂପାଦକ ରମଣୀ ରଞ୍ଜନ ରାଉତରାୟ, ବରିଷ୍ଠ ସାମ୍ବାଦିକ ଅମ୍ବିକା ପ୍ରସାଦ ଦାସ, ଆଇନଜୀବି ଗଗନ ବିହାରୀ ଜେନା, ସରକାରୀ ଓକିଲ ସଂଜୟ କୁମାର ଜେନା, ଅଧ୍ୟାପକ ବିପିନ ବିହାରୀ ବାରିକ, ନିରଞ୍ଜନ ମେକାପ, ବିରେନ୍ଦ୍ର ଦାସ, ସତ୍ୟବ୍ରତ ସିଂହ, ହାଡିବନ୍ଧୁ ସିଂହ ଓ ନିରଞ୍ଜନ ବଳ ପ୍ରମୁଖ କମିଟିର କର୍ମକର୍ତାମାନେ ସଂସ୍କୃତି ନିର୍ଦ୍ଦେଶକ ଶ୍ରୀ ଦାସଙ୍କୁ ଉତରୀୟ, ମାନପତ୍ର, ପୁଷ୍ପଗୁଚ୍ଛ ଓ 'ଅଗ୍ନିପୁତ୍ର ବିଳ୍ପବୀ ଆନନ୍ଦ ଚନ୍ଦ୍ର ପୁସ୍ତକ' ପ୍ରଦାନ କରି ସମ୍ବର୍ଦ୍ଧନା ଦେଇଥିଲେ ।

କଳିଙ୍ଗ କିଡ଼ସ୍ ଫେଷ୍ଟ ଅନୁଷ୍ଠିତ

ପୁରୀ,୭/୦୯ (ନି.ପ୍ର): ଶରଧାବାଲି ମୁକ୍ତାକାଶ ରଙ୍ଗମଞ୍ଚ ଠାରେ କ୍ଷେତ୍ର ମୋହନ ଫାଉଣ୍ଡେସନ ଓ କଳିଙ୍ଗ କିଡ଼ସ୍ ପ୍ଲେ ସ୍କୁଲ ପକ୍ଷରୁ କଳିଙ୍ଗ କିଡ଼ସ୍ ଫେଷ୍ଟ-୨୦୨୨ ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ପୂର୍ବତନ ଅଧ୍ୟାପକ ସୁକାନ୍ତ କୁମାର ମହାନ୍ତି ଅଧ୍ୟକ୍ଷତା କରିଥିବା ବେଳେ କୈଳାସ ଚନ୍ଦ୍ର ନାୟକ ଉଦ୍‌ଘାଟନ କରିଥିଲେ । ମୁଖ୍ୟ ଅତିଥି ଭାବେ ପୁରୀ ସଦରବ୍ଲକ ଚେୟାରମ୍ୟାନ ଦିବାକର ପାତ୍ର,ବିଶିଷ୍ଟ ଅତିଥି ପ୍ରଫେସର ଡ଼କ୍ଟର ହରିହର ହୋତା,କ୍ଷେତ୍ର ମୋହନ ଫାଉଣ୍ଡେସନର ପ୍ରତିଷ୍ଠାତା କୁନ୍ତଳା ପ୍ରଧାନ ଓ ଯୁବ ସମାଜସେବୀ ପ୍ରଭାକର ସାହୁ ଯୋଗଦେଇ ଶିଶୁମାନଙ୍କର ଏହି କାର୍ଯ୍ୟକ୍ରମକୁ ଭୂୟଂଶୀ ପ୍ରଶଂସା କରିଥିଲେ । ଫାଉଣ୍ଡେସନର ପରିଚାଳନା ନିର୍ଦ୍ଦେଶକ ସଞ୍ଜୟ କୁମାର ପ୍ରଧାନ ସ୍ୱାଗତ ଭାଷଣ, ଅତିଥି ପରିଚୟ ପ୍ରଦାନ କରିଥିଲେ । କଳିଙ୍ଗ ଉଦ୍ୟୋଗ ସମ୍ମାନ,ଆଶିଷ ପଣ୍ଡାଙ୍କୁ କଳିଙ୍ଗ ସେବା ସମ୍ମାନ, ଶିବାଙ୍ଗି ମହାପାତ୍ରଙ୍କୁ କଳିଙ୍ଗ ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଥିଲା । ଏହା ସହ ବିଦ୍ୟାଳୟରେ ଅନୁଷ୍ଠିତ କ୍ୟୁଉଟ ବେବି,ଆର୍ଟ,ଡ଼୍ୟାନସ, ଫେନ୍‌ସି ଡ୍ରେସ ଓ ଗୀତ ପ୍ରତିଯୋଗିତାରେ ବିଜେତାମାନଙ୍କୁ ପୁରସ୍କ

ଶିକ୍ଷା ମନ୍ତ୍ରୀଙ୍କ ୱାର୍ଲ୍ଡ ସ୍କିଲ ସେଂଟର ପରିଦର୍ଶନ

ଭୁବନେଶ୍ୱର,୦୭/୦୯ (ନି.ପ୍ର): ଦକ୍ଷତା ବିକାଶର ପ୍ରାଣକେନ୍ଦ୍ର ଭାବେ ପ୍ରତିଷ୍ଠା ହୋଇଥିବା ୱାର୍ଲ୍ଡ ସ୍କିଲ ସେଂଟରକୁ ବୁଧବାର ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ପ୍ରୀତିରଞ୍ଜନ ଘଡାଇ ପରିଦର୍ଶନ କରିଛନ୍ତି। ଉଲ୍ଲେଖଯୋଗ୍ୟ ଏସୀୟ ଉନ୍ନୟନ ବ୍ୟାଙ୍କ୍ ସହାୟତାରେ ସ୍ଥାପିତ ୱାର୍ଲ୍ଡ ସ୍କିଲ ସେଂଟର ନିମନ୍ତେ ସିଙ୍ଗାପୁରର ଆଇଟିଇଏସ୍ ସଂସ୍ଥା ନଲେଜ ପାର୍ଟନର ରହିଛି। ଏହା କିଭଳି ଏସିୟା ମହାଦେଶର ସ୍ୱନାମଧନ୍ୟ ବୈଷୟିକ ସଂସ୍ଥା ଆଇଟିଇଏସ ଢାଂଚାରେ ପରିଚାଳିତ ହେଉଛି, ସେ ନେଇ ମନ୍ତ୍ରୀ ଶ୍ରୀ ଘଡାଇ ପ୍ରଶିକ୍ଷକଙ୍କଠାରୁ ପଚାରି ବୁଝିଥିଲେ। ସେ ଆହୁରି ମଧ୍ୟ କହିଥିଲେ ଯେ ସମଗ୍ର ଦେଶରେ ଦକ୍ଷତା ବିକାଶରେ ଓଡିଶା ଏକ ଅଗ୍ରଣୀ ରାଜ୍ୟ ଭାବେ ଉଭା ହେଉଛି। ତେଣୁ ପ୍ରଶିକ୍ଷାର୍ଥୀମାନଙ୍କର ବ୍ୟବହାରିକ ଜ୍ଞାନ ନିମନ୍ତେ ଶିଳ୍ପ ସଂସ୍ଥାରେ କାମ କରି ଅଭିଜ୍ଞତା ନେବାର ଆବଶ୍ୟକତା ରହିଛି। ଏହାଦ୍ୱାରା ସେମାନେ ସର୍ବଶ୍ରେଷ୍ଠ ସଂସ୍ଥାଗୁଡିକରେ କର୍ମନିଯୁକ୍ତି ପାଇପାରିବେ। ୱାର୍ଲ୍ଡ ସ୍କିଲ ସେଂଟରରେ କ୍ଷୁଦ୍ର ମିଆଦୀ ଦକ୍ଷତା ପ୍ରଶିକ୍ଷଣ ଦ୍ୱାରା ଯେପରି ଯୁବଗୋଷ୍ଠୀମାନେ ଉପକୃତ ହୋଇପାରିବେ ସେଥିନିମନ୍ତେ ସୁଯୋଗ ସୃଷ୍ଟି କରିବାକୁ ହେବ । ବିଶେଷଭାବେ ଏଠାରୁ ଆଇଟିଆଇ ଏବଂ ଡିପ୍ଲୋମା ଉତୀର୍ଣ୍ଣ କରିଥିବା ଯୁବଗୋଷ୍ଠୀ ଯେଭଳି ସ୍କିଲିଂ ପାଇ ପାରିବେ, ତାହା ଉପରେ ଶ୍ରୀ ଘଡାଇ ଗୁରୁତ୍ୱାରୋପ କରିଛନ୍ତି। ଏହି ଅବସରରେ ମନ୍ତ୍ରୀ ଶ୍ରୀ ଘଡାଇ ବିଲ୍ଡିଂ ମ୍ୟାନେଜମେଂଟ୍ ସର୍ଭିସେସ୍, କମର୍ସିଆଲ ରେଫ୍ରିଜିରେସନ, କମର୍ସିଆଲ ଏଆର କଣ୍ଡିସନିଂ, ମେକାଟ୍ରନିକ୍ସ, କାଡ୍ ଓ ମେକାନିକାଲ, ଇଲେକଟ୍ରିକାଲ, ରେସିଡେନସିଆଲ କଣ୍ଡିସନିଂ, ପାଇପିଂ ଓ ପ୍ଲମ୍ବିଂ, ଅଟୋମେସନ୍ ଓ ରବୋଟିକ୍ସ, ନିଉମାଟିକ୍ସ, ଡ୍ରାଇଭ ଓ ମୋଟର କଂଟ୍ରୋଲ ଲ୍ୟାବ୍ ଏବଂ ପିଏଲସି, ଇଲେକ୍ଟ୍ରିକାଲ ଇନଷ୍ଟୋଲେସନ ଓ ମେକାନିକାଲ ଟେକ୍ନୋଲୋଜି ୱାର୍କସପ୍ ପରିଦର୍ଶନ କରିବା ସହ ପ୍ରଶିକ୍ଷକମାନଙ୍କ ସହ ଆଲୋଚନା କରିଥିଲେ ।

ଦାରା ସିଂର ଜାମିନ୍ ଆବେଦନ ଖାରଜ କଲେ ହାଇକୋର୍ଟ

ଭୁବନେଶ୍ୱର,୦୭/୦୯ (ନି.ପ୍ର): ବହୁଚର୍ଚ୍ଚିତ ମୟୂରଭଞ୍ଜ ପାଦ୍ରୀ ଅରୁଲ ଦାସ ହତ୍ୟା ମାମଲାରେ ମୁଖ୍ୟ ଅଭିଯୁକ୍ତ ଦାରା ସିଂର ଜାମିନ୍ ଆବେଦନକୁ ହାଇକୋର୍ଟ ଖାରଜ କରିଛନ୍ତି । ଅନ୍ୟ ୩ ଅଭିଯୁକ୍ତଙ୍କ ଜାମିନ୍ ଆବେଦନକୁ ମଧ୍ୟ ହାଇକୋର୍ଟ ଖାରଜ କରିଦେଇଛନ୍ତି । ଏଥିସହ ଜାମିନରେ ଥିବା ଅନ୍ୟ ଅଭିଯୁକ୍ତମାନଙ୍କୁ ଆସନ୍ତା ୨୩ ତାରିଖ ସୁଦ୍ଧା ଆତ୍ମସମର୍ପଣ ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ୧୯୯୯ ମସିହା ସେପ୍ଟେମ୍ବର ମାସରେ ପାଦ୍ରୀ ଅରୁଲ ଦାସଙ୍କୁ ହତ୍ୟା କରାଯାଇଥିଲା। ୨୦୦୭ ମସିହାରେ ତଳକୋର୍ଟ ଦାରାଙ୍କ ସହ ସମସ୍ତ ଅଭିଯୁକ୍ତଙ୍କୁ ଆଜୀବନ ଜେଲ ଦଣ୍ଡାଦେଶ ନିର୍ଦ୍ଦେଶ ଦେଇଥିଲେ। ଜାମିନରେ ଥିବା ଅନ୍ୟ ରାଜକିଶୋର ମହାନ୍ତ, ଯଦୁନାଥ ମହାନ୍ତ ଓ ଚେମା ହୋକୁ ଆସନ୍ତା ୨୩ ତାରିଖ ସୁଦ୍ଧା ତଳ କୋର୍ଟରେ ହାଜର ହେବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

ଆସିଲା ବନ୍ୟା କ୍ଷୟକ୍ଷତି....

ଚାଷ ଜମି ଶତକଡା ୩୩ ଭାଗରୁ ଊର୍ଦ୍ଧ୍ୱ ଫସଲ ହାନୀ ହୋଇଛି । ଜିଲ୍ଲାପାଳ ମାନଙ୍କର କ୍ଷୟକ୍ଷତିର ଆକଳନକୁ ଭିତିକରି ଘର ନିର୍ମାଣ ସହାୟତା, ବାସନକୁସନ ସହାୟତା, କୃଷି ଭିତିକ ସହାୟତା, ବାଲିଚର ସହାୟତା, ମୃତ ଗୋରୁଗାଈଙ୍କ ପାଇଁ ସହାୟତା, କ୍ଷତିଗ୍ରସ୍ତ ଡଙ୍ଗା ଓ ଜାଲ, ମତ୍ସ୍ୟପୋଖରୀ, ମତ୍ସ୍ୟଜାଁଳ ଚାଷ, ହସ୍ତତନ୍ତ ବୁଣାକାର, ହସ୍ତଶିଳ୍ପ କାରିଗର, ରେଶମ ଚାଷୀଙ୍କ ପାଇଁ ସହାୟତା ବାବଦକୁ ୧୨୮ କୋଟି ୫୮ ଲକ୍ଷ ଟଙ୍କା ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ମଞ୍ଜୁର କରାଯାଇଛି । ସେହିପରି ଜଳବନ୍ଦୀ ଘେରରେ ଥିବା ପ୍ରଭାବିତ ଲୋକମାନଙ୍କୁ ଖାଦ୍ୟ ସହାୟତା ବାବଦକୁ ଅଦ୍ୟାବଧି ଜିଲ୍ଲାପାଳମାନଙ୍କୁ ୯୯ କୋଟି ୯୨ ଲକ୍ଷ ୯୭ ହଜାର ଟଙ୍କା ମଞ୍ଜୁର କରାଯାଇଛି । ଜଳସଂପଦ ବିଭାଗ, ପୁର୍ତ ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗ, ଗୃହ ଓ ନଗର ଉନ୍ନୟନ ବିଭାଗ ଓ ଶକ୍ତି ବିଭାଗ ଙ୍କଠାରୁ ସାଧାରଣ ସମ୍ପତି କ୍ଷୟକ୍ଷତିର ଆକଳନ ରିପୋର୍ଟ ଅନୁଯାୟୀ ସାଧାରଣ ସମ୍ପତି କ୍ଷୟକ୍ଷତିର ତୁରନ୍ତ ପୁନଃରୁଦ୍ଧାର ପାଇଁ ଜଳସଂପଦ ବିଭାଗ ୫୨୭୭.୬୯ ଲକ୍ଷ ଟଙ୍କା, ପୁର୍ତ ବିଭାଗ ୨୦୧୯.୪୪ ଲକ୍ଷ ଟଙ୍କା, ଗ୍ରାମ୍ୟ ଉନ୍ନୟନ ବିଭାଗ ୪୨୫୪.୭୦ ଲକ୍ଷ ଟଙ୍କା, ଗୃହ ଓ ନଗର ଉନ୍ନୟନ ବିଭାଗ ୬୦୭.୭୨ ଲକ୍ଷ ଟଙ୍କା ଓ ଶକ୍ତି ବିଭାଗ ୫୦୩.୩୮ ଲକ୍ଷ ଟଙ୍କା ଆବଶ୍ୟକ ବୋଲି ଜଣାଇଛନ୍ତି । ମାତ୍ର ବିପର୍ଯ୍ୟୟ ସହାୟତା ପାଣ୍ଠିର ସର୍ତ ଓ ନିୟମାବଳୀ ଅନୁଯାୟୀ ସାଧାରଣ ସମ୍ପତିର କ୍ଷୟକ୍ଷତିର ତୁରନ୍ତ ପୁନଃରୁଦ୍ଧାର ପାଇଁ ଜଳସଂପଦ ବିଭାଗ ୪୩୫୩.୯୨ ଲକ୍ଷ ଟଙ୍କା, ପୁର୍ତ ବିଭାଗ ୧୩୬୭.୨୫ ଲକ୍ଷ ଟଙ୍କା, ଗ୍ରାମ୍ୟ ଉନ୍ନୟନ ବିଭାଗ ୨୪୧୪.୩୭ ଲକ୍ଷ ଟଙ୍କା, ଗୃହ ଓ ନଗର ଉନ୍ନୟନ ବିଭାଗ ୮୨.୪୬ ଲକ୍ଷ ଟଙ୍କା ଓ ଶକ୍ତି ବିଭାଗ ୪୯୭.୫୧ ଲକ୍ଷ ଟଙ୍କା ବିପର୍ଯ୍ୟୟ ସହାୟତା ପାଣ୍ଠିରୁ ମଞ୍ଜୁର କରାଯାଇଛି । ଏହି ଭଳି ସର୍ବମୋଟ ୮୭୧୫.୫୧ ଲକ୍ଷ ଟଙ୍କା ଉକ୍ତ ବିଭାଗମାନଙ୍କୁ ସାଧାରଣ ସମ୍ପତିର ତୁରନ୍ତ ମରାମତି ଓ ପୁନଃରୁଦ୍ଧାର ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ମଞ୍ଜୁର କରାଯାଇଛି।

ବେଙ୍ଗାଲୁରୁରେ ବର୍ଷାର ତାଣ୍ଡବ....

୧୫୦ ଲୋକ ବାସ କରୁଛନ୍ତି, ଯେଉଁମାନଙ୍କ ପାଖରେ ବିଳାସପୂର୍ଣ୍ଣ ଘର ରହିଛି । ହେଲେ ବର୍ଷା ଯୋଗୁଁ ରାତାରାତି ଏହି ସ୍ଥାନ କ୍ଷୁଦ୍ର ପୋଖରୀରେ ପରିଣତ ହୋଇଯାଇଛି । ବର୍ଷା ପାଣିରେ ଖାଲି ଯେ, କୋଟିପତିଙ୍କ ଘର ବୁଡିଛି. ତାହା ନୁହେଁ ଘର ଆଗରେ ଛିଡା ହୋଇଥିବା ଦାମୀ କାରଗୁଡ଼ିକ ମଧ୍ୟ ପାଣିରେ ଭାସିଛି । ଯେଉଁଥିରେ ବିଏମଡବ୍ଲୁ, ସେଡାନ, ରେଞ୍ଜ ରୋଭର, ଏସୟୁଭି ଭଳି ଦାମୀ କାର୍ ରହିଛି । ଏହି ଗାଡି ଗୁଡିକର ମୁଲ୍ୟ ୬୫ ଲକ୍ଷ ଟଙ୍କାରୁ ଆରମ୍ଭ କରି ଅଢେଇ କୋଟି ଯାଏଁ ରହିଛି । ବର୍ଷାରେ ନୟାନ୍ତ ହୋଇପଡିଛି ଆଇଟି ହବ୍ ବେଙ୍ଗାଲୁରୁ । ଗତ ୪୬ବର୍ଷ ଭିତରେ ପ୍ରଥମ ଥର ପାଇଁ ବେଙ୍ଗାଲୁରୁ ଏଭଳି ବର୍ଷା ବିଭୀଷୀକା ଦେଖୁଛି । ଲଗାଣ ବର୍ଷା ଯେ, ପୂରା ସହରକୁ ଏତେ ବଡ ସମସ୍ୟାରେ ପକାଇବ, ତାହା କେହି ଚିନ୍ତା କରିନଥିବେ । ବର୍ଷା ହେଲେ ସହରରେ ପାଣି ଜମାଟ ବାନ୍ଧିବା ଏକ ସାଧାରଣ କଥା, ହେଲେ ଏଠି ସ୍ଥିତି ଯେ, ଏତେ ସଙ୍ଗୀନ ହୋଇପଡିବ, ତାହା କେହି ଚିନ୍ତା କରିନଥିବେ ।

୨୪ ଘଂଟାରେ ସୃଷ୍ଟି ହେବ ଲଘୁଚାପ....

ବର୍ଷାର ପରିମାଣ ବଢିବ ବୋଲି ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ସତର୍କ ସୂଚନା ଅନୁଯାୟୀ ଆସନ୍ତା ୨୪ ଘଂଟା ମଧ୍ୟରେ ଗଜପତି, ଗଂଜାମ, ରାୟଗଡା, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, କଳାହାଣ୍ଡି ଓ କନ୍ଧମାଳ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏଥିପାଇଁ ଏହି ଜିଲ୍ଲାଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ୮ ରୁ ୯ ତାରିଖ ମଧ୍ୟରେ ମାଲକାନଗିରି, କୋରାପୁଟ, ଗଜପତି, ଗଂଜାମ, ରାୟଗଡା, କନ୍ଧମାଳ, ନବରଙ୍ଗପୁର, କଳାହାଣ୍ଡି, ନୟାଗଡ, ଖୋର୍ଦ୍ଧା ଓ ପୁରୀ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହୋଇପାରେ। ଏହି ଜିଲ୍ଲାଗୁଡିକୁ ମଧ୍ୟ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ।

ପିଏମ୍ ଶ୍ରୀ ସ୍କୁଲ ହେବ ଦେଶର....

୨୦୨୬-୨୦୨୭ ପର୍ଯ୍ୟନ୍ତ ଆଗାମୀ ୫ ବର୍ଷ ମଧ୍ୟରେ ୨୭, ୩୬୦ କୋଟି ଟଙ୍କା ବ୍ୟୟରେ ଦେଶର ୧୪, ୫୯୭ ସ୍କୁଲର ବିକାଶ କରାଯିବା ସହ ଗୁଣାତ୍ମକ ମାନ ବୃଦ୍ଧି କରାଯିବ । ପ୍ରତି ବ୍ଲକରେ ସର୍ବାଧିକ ୨ଟି ପିଏମ ଶ୍ରୀ ସ୍କୁଲ ବିକଶିତ କରାଯିବ । ଚ୍ୟାଲେଞ୍ଜ ପଦ୍ଧତିରେ ସ୍କୁଲର ଚୟନ କରାଯିବ । ସ୍କୁଲ ଚୟନ ପାଇଁ ଏକ ପୋର୍ଟାଲ ଖୋଲାଯିବ । ରାଜ୍ୟ ସରକାର କିମ୍ବା ରାଜ୍ୟର ଅନୁମତିରେ ସ୍କୁଲ ଗୁଡ଼ିକ ଏଥିପାଇଁ ଆବେଦନ କରିପାରିବେ । ସ୍କୁଲ ଚୟନ ପାଇଁ ୬୦ରୁ ଅଧିକ ମାପଦଣ୍ଡ ପ୍ରସ୍ତୁତ କରାଯାଇଛି । ସ୍କୁଲର ପକ୍କା ଘର, ବିଜୁଳି ସଂଯୋଗ ସହ ଛାତ୍ରଛାତ୍ରୀଙ୍କ ପାଇଁ ଶୌଚାଳୟ, ପିଇବା ପାଣି, ପ୍ଲେ ଗ୍ରାଉଣ୍ଡ, ଦିବ୍ୟାଙ୍ଗଙ୍କ ବ୍ୟବସ୍ଥା ସହ ଅନ୍ୟାନ୍ୟ ଭିତ୍ତିଭୂମିକୁ ତଦାରଖ କରାଯିବ । ଦେଶରେ ଜାତୀୟ ଶିକ୍ଷା ନୀତି-୨୦୨୦ର କ୍ରିୟାନ୍ୱୟନ ବେଳେ ପ୍ରଧାନମନ୍ତ୍ରୀ ମୋଦି ଦେଶରେ ଗୁଣାତ୍ମକ ଶିକ୍ଷାର ପ୍ରତିଶ୍ରୁତିକୁ ପାଳନ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ । ଏହି ମର୍ମରେ ପିଏମ ସ୍କୁଲର ମୂଳ ଉଦ୍ଦେଶ୍ୟ ଗୁଣାତ୍ମକ ମାନ ବୃଦ୍ଧି କରିବା । ବିଶ୍ୱର ଆବଶ୍ୟକତାକୁ ଧ୍ୟାନରେ ରଖି ଗ୍ରୀନ ସ୍କୁଲ କଳ୍ପନାରେ ପିଏମ ଶ୍ରୀ ସ୍କୁଲକୁ ନିର୍ମାଣ କରାଯିବ । ସ୍କୁଲରେ ଶିକ୍ଷାଦାନ ଓ ଶିକ୍ଷାଗ୍ରହଣ ଟେକ୍ନୋଲୋଜି ଆଧାରିତ ହେବ । ଆଇସିଟି, ଡ଼ିଜିଟାଲ ଲ୍ୟାବ, ଡିଜିଟାଲ ଲାଇବ୍ରେରୀ, ଡିଜିଟାଲ ଲର୍ଣ୍ଣିଂ ଟୁଲ୍ସ ବ୍ୟବସ୍ଥା ରହିବ । କେନ୍ଦ୍ର ସରକାର ଭର୍ଚ୍ଚୁଆଲ ଲ୍ୟାବର କଳ୍ପନା କରିଥିବା ବେଳେ ୩ଡି ଲ୍ୟାବର ମଧ୍ୟ ବ୍ୟବସ୍ଥା କରାଯିବାର ଯୋଜନା ରହିଛି । ସେହିପରି ଧନ୍ଦାମୂଳକ ଶିକ୍ଷା, ଉଦ୍ୟମିତା ଶିକ୍ଷା ସ୍କୁଲ ପାଠ୍ୟକ୍ରମର ଅଂଶବିଶେଷ ହେବ । କ୍ରୀଡ଼ାକୁ ପ୍ରୋତ୍ସାହନ ଦିଆଯିବ । ପୃଷ୍ଟିକର ବଗିଚା, ବର୍ଜ୍ୟ ପରିଚାଳନା, ପ୍ଲାଷ୍ଟିକ ମୁକ୍ତ କ୍ୟାମ୍ପସ, ଜଳ ସଂରକ୍ଷଣ, ପାରମ୍ପରିକ ପଦ୍ଧତିରେ ପରିବେଶ ସୁରକ୍ଷା, ଜଳବାୟୁ ପରିବର୍ତ୍ତନ ସହ ଜଡ଼ିତ ହାକାଥନ ଏବଂ ଏକ ସୁସ୍ଥକର ଜୀବନଶୈଳି ଆପଣାଇବା ସଚେତନ କରାଯିବ । ୧୦ ଦିନ ଧରି ବ୍ୟାଗଲେସ୍ ଏକ୍ସପରିମେଣ୍ଟ ଆରମ୍ଭ ହେବ । ଭାଷା ଆଧାରିତ ଶିକ୍ଷାକୁ ପ୍ରାଧାନ୍ୟ ଦିଆଯିବ । ଏଭଳି ଏକ ଭିତ୍ତିଭୂମି ପ୍ରସ୍ତୁତ କରାଯିବ, ଯେଭଳି ଛାତ୍ରଛାତ୍ରୀମାନେ ଦ୍ୱାଦଶ ପାସ ଉତ୍ତୀର୍ଣ୍ଣ ହେଲା ପରେ ବିଭିନ୍ନ ପ୍ରତିଯୋଗିତା ପାଇଁ ନିଜକୁ ପ୍ରସ୍ତୁତ ହୋଇପାରୁଥିବେ । ଏହି ସ୍କୁଲ ଦ୍ୱାରା ପାଖାପାଖି ୨୦ ଲକ୍ଷ ବିଦ୍ୟାର୍ଥୀ ଲାଭବାନ ହେବେ । ପିଏମ ଶ୍ରୀ ସ୍କୁଲ ଜାତୀୟ ଶିକ୍ଷା ନୀତିର ମୂଳ ଉଦ୍ଦେଶ୍ୟକୁ ପୂରଣ କରିବ । ଶ୍ରୀ ପ୍ରଧାନ କହିଛନ୍ତି ବର୍ତ୍ତମାନ ସମୟରେ ଭାରତ ସରକାର 'ବିଦ୍ୟା ସମୀକ୍ଷା କେନ୍ଦ୍ର'ର ଏକ ଉତ୍ତମ କଳ୍ପନା ଦେଶ ସାମ୍ନାରେ ରଖିଛନ୍ତି । ଏହା ଅଧୀନରେ ସ୍କୁଲର ପ୍ରଶାସନିକ ବିଭାଗକୁ ପାରଦର୍ଶୀ କରିବା ପାଇଁ, ଛାତ୍ରଛାତ୍ରୀଙ୍କ ଗୁଣାତ୍ମକ ପ୍ରଦର୍ଶନକୁ ଏହି ଶିକ୍ଷା କେନ୍ଦ୍ର ଦ୍ୱାରା ଟ୍ରାକିଂ କରାଯିବ । ଯେଉଁଥିରେ ଉକ୍ତ ସ୍କୁଲର ଜୈନେକ ଛାତ୍ରଛାତ୍ରୀଙ୍କ ଯେ କୌଣସି ବିଷୟକୁ ଟ୍ରାକ୍ କରାଯାଇପାରି ।

ସରଡ଼ିହାରେ ହାତୀ ଉପଦ୍ରବ, ଘର ଭାଙ୍ଗିଲେ : ଧାନ ଖାଇଲେ

ବସ୍ତା,୦୭/୦୯ (ନି.ପ୍ର): ବୁଧବାର ସନ୍ଧ୍ୟାରେ ଗୋଟିଏ ହାତୀ ହଠାତ ପଶି ଆସି ବସ୍ତା ବ୍ଲକ ର ସରଡିହା ଗାଁର ଲମ୍ବୋଦର ଦାସଙ୍କର ଘର ଛାଉଣୀର ଦୁଇଟି ଅଜବସଷ୍ଟାସ ଭାଙ୍ଗି ଦେଇଛି।ତାଙ୍କ ଘର ଧାନ ବୁରା ଛିଣି ଭିଣି ପକାଇ ଧାନ ଖାଇ ଜଳକା ନଦୀ ଆଡକୁ ପଳାଇଯାଇଛି।ଏଥିରେ ଗାଁ ଲୋକେ ଆତଙ୍କିତ ହୋଇପଡିଛନ୍ତି।ରାତି ସାରା ଅନିଦ୍ରା ରହିବେ ବୋଲି କହିଛନ୍ତି।କାଳେ ହାତୀ ପୁଣି ଫେରିବା ଆଶଙ୍କାରେ ସେମାନେ ଅଛନ୍ତି। ଅନ୍ୟ ପକ୍ଷରେ ବନ ବିଭାଗକୁ ଏ ସମ୍ପର୍କରେ ଖବର ଦିଆଯାଇଛି।

ଖୋର୍ଦ୍ଧା କାଇପଦର ୫ ସ୍କୁଲ୍ ପ୍ରଧାନ ଶିକ୍ଷକ ପଦ୍ ଖାଲି

ଖୋର୍ଦ୍ଧା, ୦୭/୦୯ (ନି.ପ୍ର): ଖୋର୍ଦ୍ଧା ଜିଲ୍ଲା ଖୋର୍ଦ୍ଧା ବ୍ଲକ କାଇପଦର ଉଚ୍ଚ ମାଧ୍ୟମିକ ସ୍କୁଲ ୫ ଟି ମାନ୍ୟତା ପାଇଛି। ଏହି ସ୍କୁଲ ଥିବା ମହିଳା ପ୍ରଧାନ ସିକ୍ଷୟେତି ଅବସର ନେବା ପରେ ଉକ୍ତ ପଦବୀ ଖାଲି ପଡ଼ିଛି। ଏହି ପୁରାତନ ଶିକ୍ଷା ଅନୁଷ୍ଠାନ ପ୍ରାଇମରୀ, ସ୍କୁଲ ଆଦି ହେଡ୍ ଶିକ୍ଷକ ଜଣେ । ପିଲା ସଂଖ୍ୟା ଅଧିକ। ପ୍ରଧାନ ଶିକ୍ଷକ ଅଭାବ ଯୋଗୁ ଚାର୍ଜରେ ଥିବା ମଧୁସ୍ମିତା ମାଢ଼ାମ ନିଜ ପାଠ ପଢ଼ାଇବା ସହ ଏହି ଗୁରୁ ଦାୟିତ୍ୱ ତୁଳାଉଥିଲେ ମଧ୍ୟ ସ୍ଥାୟୀ ଶିକ୍ଷକ ପ୍ରଧାନ ଶିକ୍ଷକ ଆସିଲେ ଭଲ ପାଠ ପଢା ହୁଅନ୍ତା । ଏହା ବ୍ୟତିତ ସଂସ୍କୃତ ଶିକ୍ଷକ, ବିଜ୍ଞାନ ଶିକ୍ଷକ ଖାଲି ଅଛି । ଉକ୍ତ କାଇପଦର ପଂଚାୟତ ହେଡ କ୍ୱାଟର ସ୍କୁଲକୁ ୫ ଟି ମାନ୍ୟତା ପ୍ରଦାନ କରିବା ଅନ୍ତରାଳରେ ପୂର୍ବତନ ଜିଲ୍ଲାପାଳ, ଶ୍ରୀଯୁକ୍ତ ସଂଗ୍ରାମ କେଶରୀ ମହାପାତ୍ର, ବର୍ତ୍ତମାନ ଗଣ ଶିକ୍ଷା ଓ ଆଦର୍ଶ ସ୍କୁଲ ଓଡିଶା ସମୁହ ନିର୍ଦ୍ଦେଶକ ଭୂମିକା ଥିଲା ଓ ଉକ୍ତ ଅନୁଷ୍ଠାନ ସରସ ସୁନ୍ଦର୍ କରିବା ବଦ୍ଧ ପରିକର। ଖୋର୍ଦ୍ଧା ଶିକ୍ଷା ଜିଲ୍ଲା ଅଧିକାରୀ ସେକସନ୍ ଅଫିସର ଶ୍ରୀଯୁକ୍ତ ରବି ବାରିକଙ୍କ ଶୁଭ ଦୃଷ୍ଟି ଅଛି।

କ୍ଷେତ୍ରବାସୀ ଉଚ୍ଚ ବିଦ୍ୟାପୀଠରେ ଗୁରୁ ଦିବସ

ବାସୁଦେବପୁର, ୦୭/୦୯ (ନି.ପ୍ର): ବାସୁଦେବପୁର ବ୍ଲକ ର କିସ୍ମତ କୃଷ୍ଣପୁର ପଂଚାୟତର କ୍ଷେତ୍ରବାସୀ ଉଚ୍ଚ ବିଦ୍ୟାପୀଠ ରେ ପବିତ୍ର ଗୁରୁ ଦିବସ ପାଳିତ ହୋଇଯାଇଛି । ଏହି ଦିବସରେ ସମସ୍ତେ ଭାରତର ପୂର୍ବତନ ରାଷ୍ଟ୍ରପତି ସାର ଡକ୍ଟର ସର୍ବପଲ୍ଲୀ ରାଧା କ୍ରିଷ୍ଣନ ଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଗୁରୁଙ୍କ କପାଳରେ ଚନ୍ଦନ ଓ ପୁଷ୍ପ ଦେଇ ପିଲାମାନେ ପାଦ ଧୋଇ ବନ୍ଦାପନା କରିଥିଲେ ଏବଂ କଲମ ଓ ଖାତା ଉପହାର ଦେଇଥିଲେ । ନବମ ଓ ଦଶମ ଶ୍ରେଣୀର ଛାତ୍ର ଛାତ୍ରୀ ମାନେ ଏବଂ ଶିକ୍ଷକ ଶିକ୍ଷୟିତ୍ରୀ ଗଣ ଗୁରୁ ଦିବସ ର ତାତ୍ପର୍ଯ୍ୟ ସମ୍ପର୍କରେ ବର୍ଣ୍ଣନା କରିଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାଜେଶ ବେହେରା, ସହକାରୀ ଶିକ୍ଷକ ଶିକ୍ଷୟତ୍ରୀ ମାନସୀ ନାଥ, ପ୍ରଦୀପ୍ତ ମହାନ୍ତି, ବିଜୟ ଲକ୍ଷ୍ମୀ ବେହେରା, ଲିପିକା ସେନାପତି, ରାକେଶ ନାୟକ, ପ୍ରତାପ ବାରିକ, ସୁନୀଲ ନାୟକ, ବଳରାମ ବାରିକ ପ୍ରମୁଖ ସଂକ୍ଷିପ୍ତ ବକ୍ତବ୍ୟ ପ୍ରଦାନ କରିଥିଲେ । ସେହିପରି ଏହି ବିଦ୍ୟାଳୟରେ ପବିତ୍ର ଗଣେଶ ପୂଜା ସୁନ୍ଦର ଭାବରେ ପାଳିତ ହୋଇଯାଇଛି । ଏହି ପୂଜା ରେ ସମସ୍ତେ ମିଳିମିଶି ଗଣେଶଙ୍କ ପୂଜାର୍ଚ୍ଚନା କରିଥିଲେ ।

ଇନଟାକ ବାଲେଶ୍ୱର ଚାପ୍ଟର ପକ୍ଷରୁ ହେରିଟେଜ କ୍ଲବ ଗଠିତ

ବାଲେଶ୍ୱର,୦୭/୦୯ (ନି.ପ୍ର): ଇନଟାକ ବାଲେଶ୍ୱର ଚାପଟାର ପକ୍ଷରୁ ଭୀମପୁରା ସେଣ୍ଟ ଥୋମାସ ବିଦ୍ୟାଳୟରେ ଏକ ହେରିଟେଜ୍ କ୍ଲବ ଗଠିତ ହୋଇଯାଇଛି। ବାଲେଶ୍ୱର ଚାପ୍‌ଟାରର ଏହା ତୃତୀୟ ହେରିଟେଜ୍ କ୍ଲବ। ପ୍ରତିଷ୍ଠା ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଆବାହକ ଉଦୟ ରଞ୍ଜନ ଦାସ ହେରିଟେଜର ସୁରକ୍ଷା ତଥା ଏହାର ରକ୍ଷଣାବେକ୍ଷଣ ସମ୍ବନ୍ଧରେ ଛାତ୍ରଛାତ୍ରୀଙ୍କୁ ବୁଝାଇଥିଲେ। ଅନ୍ୟତମ ସଦସ୍ୟ ଭାବଗ୍ରାହୀ ମହାନ୍ତି ଅମୂଲ୍ୟ ସ୍ଥାପତ୍ୟ ସୁରକ୍ଷାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ନବଗଠିତ କ୍ଲବରେ ବିଦ୍ୟାଳୟର ୪୫ଜଣ ଛାତ୍ରଛାତ୍ରୀ ନାମ ପଞ୍ଜିକରଣ କରାଯାଇଥିଲା।ଏହି କ୍ଲବ୍ ଗଠନର ଇନ୍‌ଟାକ୍‌ର ଅନ୍ୟତମ ସଦସ୍ୟ ସତ୍ୟନାରାୟଣ ନନ୍ଦ ଓ ଶ୍ରୀ ଅଖିଳ କୁମାର ଦାସ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷା ସିଷ୍ଟର ରାମ୍ୟା, ଶିକ୍ଷକଅଜୟ କୁମାର ସିଂହ ଓ ପ୍ରାର୍ଥନା ସାହା ପ୍ରମୁଖ ଏଥିରେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ଏମ୍ ସି ସି କ୍ଲବ ପକ୍ଷରୁ ଯୁବ ଉଦ୍ୟୋଗପତି ଶ୍ୟାମସୁନ୍ଦର ସାହୁ ସମ୍ମାନିତ

ବସ୍ତା, ୦୭/୦୯ (ନି.ପ୍ର): ଏମ୍‌ସିସି କ୍ଲବ, ମଥାନୀ ପକ୍ଷରୁ ଯୁବ ଉଦ

ବାଲେଶ୍ୱର, ଗୁରୁବାର, ୦୮ ସେପ୍ଟେମ୍ବର, ୨୦୨୨

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

ଜଳସାଥୀମାନଙ୍କ ସଶକ୍ତୀକରଣ ଉପରେ କର୍ମଶାଳା

ଭୁବନେଶ୍ୱର,୦୭/୦୯ (ନି.ପ୍ର): ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଆନୁକୂଲ୍ୟରେ ପରିଚାଳିତ ବିଭିନ୍ନ ସହରାଂଚଳବିକାଶ କାର୍ଯ୍ୟକ୍ରମ ଗୁଡିକର ରୂପାୟନ ଦାୟିତ୍ୱରେ ଥିବା ସିଟି ମିଶନ୍ ମ୍ୟାନେଜର୍ ମାନଙ୍କ କାର୍ଯ୍ୟ ପରିଚାଳନା ସଂପର୍କରେ ସମୀକ୍ଷା ଓ ଜଳସାଥୀଙ୍କ ପ୍ରଶିକ୍ଷଣ ଉପରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଶାସନ ସଚିବ ଶ୍ରୀମତୀ ଦୁର୍ଗେଶ ନନ୍ଦିନୀ ସାହୁ ନିଜ ଅଭିଭାଷଣରେ, ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରି ବିଭାଗରେ ସଠିକ୍ ଉପଲବ୍ଧ ହେବା ଉପରେ ଗୁରୁତ୍ୱ ଆରୋପ କରିଥିଲେ । ସିଟି ମିଶନ୍ ମ୍ୟାନେଜର୍ ମାନେ ତଥ୍ୟର ଗୁଣବତା ଓ ସତ୍ୟାପନ ଉପରେ ଦୃଷ୍ଟି ଦେବା ସହ ସହରାଞ୍ଚଳ ବିକାଶରେ ଏହି ସବୁ କାର୍ଯ୍ୟକ୍ରମର ଦୀର୍ଘସ୍ଥାୟୀପ୍ରଭାବ ସମ୍ପର୍କରେ ଅନୁଧ୍ୟାନ ଓ ମୂଲ୍ୟାଙ୍କନ ପ୍ରତିଦୃଷ୍ଟି ଦେବେ ବୋଲି ପରାମର୍ଶ ଦେଇଥିଲେ । ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଆର୍ଥିକ ପରାମର୍ଶଦାତା ସଞ୍ଜୟ କୁମାର ପ୍ରମାଣିକ ଦାରିଦ୍ର୍ୟ ଦୂରୀକରଣ ତଥା ସହରାଞ୍ଚଳର ଆର୍ଥିକ ଅନଗ୍ରସର ବର୍ଗଙ୍କ ପାଇଁ ଜୀବିକା ସୁରକ୍ଷା ପଦକ୍ଷେପ ତ୍ୱରାନ୍ୱିତ କରାଯିବା ଦିଗରେ ବିଶେଷ ଦୃଷ୍ଟି ଦିଆଯିବାର ଆବଶ୍ୟକତା ସଂପର୍କରେ ଉଲ୍ଲେଖ କରିଥିଲେ । ପ୍ରାରମ୍ଭରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଯୁଗ୍ମ ଶାସନ ସଚିବ ତଥା ରାଜ୍ୟ ସହରାଂଚଳ ଉନ୍ନୟନ ସଂସ୍ଥା (ସୁଡା)ର ପ୍ରକଳ୍ପ ନିର୍ଦ୍ଦେଶକ ଶାରଦା ପ୍ରସାଦ ପଣ୍ଡା ମୁଖ୍ୟମନ୍ତ୍ରୀ କର୍ମ ତତ୍ପର ଅଭିଯାନ ବା 'ମୁକ୍ତା' କାର୍ଯ୍ୟକ୍ରମର ସୁପରିଚାଳନା କ୍ଷେତ୍ରରେ ଗୋଷ୍ଠୀ ସହଭାଗିତା ସୁନିଶ୍ଚିତ କରିବା ଦିଗରେ ସିଟି ମିଶନ୍ ମ୍ୟାନେଜର୍ ମାନେ ଉଲ୍ଲେଖଯୋଗ୍ୟ ଭୂମିକା ତୁଲାଇବେ ବୋଲି ଆଶା ପ୍ରକାଶ କରିଥିଲେ । ଆର୍ଥିକ ଅନଗ୍ରସରଙ୍କ ଜୀବନ ଓ ଜୀବିକା ସୁରକ୍ଷିତ ରଖିବା ପାଇଁ ଜାତୀୟ ସହରାଞ୍ଚଳ ଜୀବିକା ମିଶନ୍ ଅନ୍ତର୍ଗତ କାର୍ଯ୍ୟକ୍ରମର ସଫଳ ରୂପାୟନ ଉପରେ କର୍ମଶାଳାରେ ଗୁରୁତ୍ୱ ଆରୋପ କରାଯାଇଛି । ସହରାଂଚଳ ଉନ୍ନୟନ ସଂସ୍ଥା (ସୁଡା) ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଉକ୍ତ କର୍ମଶାଳା ଓ ସମୀକ୍ଷା ବୈଠକରେ ସି.ଇ.ଡ଼ି ର ଓଡ଼ିଶା ମୁଖ୍ୟ ପ୍ରଦୀପ ହରିଚନ୍ଦନ ଏବଂ ଅତିରିକ୍ତ ଶାସନ ସଚିବ ପ୍ରଭାତ କୁମାର ମହାପାତ୍ରଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ପଦାଧିକାରୀମାନେ ଉପସ୍ଥିତ ଥିଲେ ।

ନାରୀ ସୁରକ୍ଷା ଦାବିରେ ବିଜେପି ମହିଳା ମୋର୍ଚ୍ଚାର ବିକ୍ଷୋଭ

ବାଲେଶ୍ୱର,୦୭/୦୯ (ନି.ପ୍ର): ରାଜ୍ୟରେ ମହିଳାଙ୍କ ଅସୁରକ୍ଷିତ ସ୍ଥିତିକୁ ନେଇ ବିଜେପି ମହିଳା ମୋର୍ଚ୍ଚା ସଦର ଶାଖା ପକ୍ଷରୁ ଏକ ବିକ୍ଷୋଭ ପ୍ରଦର୍ଶନ ଅନୁଷ୍ଠିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ମହିଳାମାନଙ୍କୁ ନେଇ ସଦର କାର୍ଯ୍ୟାଳୟରୁ ଏକ ଶୋଭାଯାତ୍ରା ବାହାରି ସହର ପରିକ୍ରମା ସହ ଫାଣ୍ଡିଛକ ନିକଟରେ ପହଞ୍ଚିଥିଲା । ସେଠାରେ ବରିଷ୍ଠ ବିଜେପି ନେତା ସୀତାକାନ୍ତ ସ୍ୱାଇଁଙ୍କ ପୌରୋହିତ୍ୟରେ ଆୟୋଜିତ ପ୍ରତିବାଦ ସଭାରେ ବିଜେପି ରାଜ୍ୟ ସମ୍ପାଦିକା ସିପ୍ରା ବାଜପେୟୀ ଯୋଗଦେଇ ରାଜ୍ୟ ସରକାରଙ୍କ ମହିଳା ସୁରକ୍ଷା ନୀତିକୁ ତୀବ୍ର ସମାଲୋଚନା କରିଥିଲେ । ମାଆକୁ ସମ୍ମାନ ନାରା ଦେଉଥିବା ରାଜ୍ୟ ସରକାରଙ୍କର ୨୫ ବର୍ଷ ଶାସନକାଳ ମଧ୍ୟରେ ମହିଳାମାନେ ଅଧିକରୁ ଅଧିକ ଅସୁରକ୍ଷିତ ହୋଇପଡ଼ିଥିବା ସେ ଆରୋପ କରିଥିଲେ । ବିଜେପି ଯୁବମୋର୍ଚ୍ଚା ରାଜ୍ୟ ଉପ-ସଭାପତି ମାନସ କୁମାର ଦତ୍ତ ଏଥିରେ ଯୋଗଦେଇ ରାଜ୍ୟରେ ମହିଳାଙ୍କୁ ସୁରକ୍ଷା ଦେବାର ଓଡ଼ିଶା ସରକାର ବିଫଳ ହୋଇଥିବା ଅଭିଯୋଗ କରିଥିଲେ । ଆଗାମୀ ଦିନରେ ରାଜ୍ୟବାସୀ ଏହାର ଉଚିତ ଜବାବ ଦେବେ ବୋଲି ସେ କହିଥିଲେ । କାଉନସିଲର ରୋଜାଲିନ ପାଣି, ସସ୍ମିତା ନାଥ, ନିରୁପମା ଦାଶ ଓ ଭାରତୀ ପାତ୍ର, ସସ୍ମିତା ଦାଶ, ଶ୍ରୀୟା ଦାସ, ସୁସ୍ମିତା ଶୁକ୍ଳା, ମଧୁଶ୍ରୀ ପଣ୍ଡା, ସୁକାନ୍ତି ଦେବ ଗୋସ୍ୱାମୀ, ଝରଣା ଦାସ, ସ୍ୱର୍ଣ୍ଣପ୍ରିୟା ନାଥ, ସର୍ମିଷ୍ଠା ଦଳେଇ, ଅମ୍ବିକା ବେହେରା, ମାମୁନି ହାଥୀ, ସୁଭଦ୍ରା ଖଟୁଆ, ସରପଞ୍ଚ ରବିନାରାୟଣ ପ୍ରଧାନ, କାଉନସିଲର ନିତ୍ୟଗୋପାଲ ସିଂ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପର୍ଶୁରାମ ବେହେରା, ବରିଷ୍ଠ ନେତା ଗୌରାଙ୍ଗ ଦାସ, ଗଙ୍ଗାଧର ରାଉତ, ଲୋକନାଥ ଭୂୟାଁ, ଅନନ୍ତ ନାୟକ, ଦୁକୁଲ ଘୋଡେଇ, ବୈଲୋଚନ ଦାଶ, ହରେନ୍ଦ୍ର ପ୍ରଧାନ, ରାଜେନ୍ଦ୍ର ଚାଟାର୍ଜୀ, ସୁଶାନ୍ତ ବର୍ଦ୍ଧନ, ଧୀରଜ ମହାନ୍ତି, ଶ୍ରୀନିବାସ ମହାଳିକ, ନସିମା ବିବି, ପ୍ରତାପ ପ୍ରଧାନ ପ୍ରମୁଖ ଏଥିରେ ଯୋଗଦେଇ ରାଜ୍ୟ ସରକାରଙ୍କ ବିରୋଧରେ ବର୍ଷିଥିଲେ ।

କ୍ଷତିଗ୍ରସ୍ତ ଚାଷୀଙ୍କୁ ଦୁଇଗୁଣା ଇନପୁଟ୍ ସହାୟତା ପାଇଁ କେନ୍ଦ୍ରମନ୍ତ୍ରୀଙ୍କୁ କିଷାନ କଂଗ୍ରେସର ଦାବିପତ୍ର

ଭୁବନେଶ୍ୱର,୦୭/୦୯ (ନି.ପ୍ର): ଚାଷୀ ବିଭିନ୍ନ ସମୟରେ ପ୍ରାକୃତିକ ବିପର୍ଯ୍ୟୟ ଦ୍ୱାରା ହେଉଥିବା ଫସଲ କ୍ଷତିର ଭରଣା ପାଇଁ ଚାଷୀଙ୍କୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପ୍ରାକୃତିକ ବିପର୍ଯ୍ୟୟ ପାଣ୍ଠିରୁ କୃଷି ଇନପୁଟ୍ ସହାୟତା ଯୋଗାଇ ଦେବାର ବ୍ୟବସ୍ଥା ରହିଛି । ଧାନରେ ପ୍ରତି ହେକ୍ଟର ପିଛା ପ୍ରାୟ ୬୦ ହଜାର ଟଙ୍କା ଖର୍ଚ୍ଚ କରାଯାଉଥିବା ବେଳେ ସରକାର କ୍ଷତିଗ୍ରସ୍ତ ଚାଷୀଙ୍କୁ ଜଳସେଚିତ ଅଞ୍ଚଳ ପାଇଁ ହେକ୍ଟର ପିଛା ୧୩ହଜାର ୫୦୦ ଓ ଅଣ ଜଳସେଚିତ ଅଞ୍ଚଳ ପାଇଁ ୬ ହଜାର ୮୦୦ ଏବଂ ସର୍ବନିମ୍ନ ସହାୟତା ୨ ହଜାର ଟଙ୍କା ଦେବା ପାଇଁ ଯେଉଁ ବ୍ୟବସ୍ଥା ରଖିଛନ୍ତି, ତାହା ସମୁଦ୍ରକୁ ଶଙ୍ଖେ । ପ୍ରଚଳିତ ବ୍ୟବସ୍ଥାରେ ଥିବା ସହାୟତା ରାଶିକୁ ଅତ୍ୟନ୍ତ ପକ୍ଷେ ଦୁଇଗୁଣା ବୃଦ୍ଧି କରାଯିବା ଜରୁରୀ ବୋଲି ପିସିସି କିଷାନ କଂଗ୍ରେସ ଦାବି କରିଛି । ଏସମ୍ପର୍କରେ କେନ୍ଦ୍ର ଗୃହମନ୍ତ୍ରୀ ଓ କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀଙ୍କ ନିକଟକୁ ପୃଥକ ପୃଥକ ପକ୍ଷରୁ ଏକ ଦାବୀପତ୍ର ପ୍ରଦାନ କରିଛନ୍ତି । ଏଥି ପୂର୍ବରୁ ଗତ ୧ ତାରିଖ ଦିନ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ନିକଟକୁ କିଷାନ କଂଗ୍ରେସ ପକ୍ଷରୁ ଏହି ମର୍ମରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିବା ନିକଟରେ ଅତିଶୟ ବର୍ଷା ଓ ବନ୍ୟାରେ ରାଜ୍ୟର ୧୦ଟି ଜିଲ୍ଲାରେ ଲକ୍ଷ ଲକ୍ଷ ହେକ୍ଟର ଚାଷଜମିର ଫସଲ ନଷ୍ଟ ହୋଇ ଯାଇଛି । ଅଦ୍ୟାବଧି ସରକାରଙ୍କ ପକ୍ଷରୁ କ୍ଷୟ କ୍ଷତିର ସଠିକ୍ ଆକଳନ କରାଯାଇ ନାହିଁ କିମ୍ବା ଦୁସ୍ଥିତିରେ ଥିବା ଚାଷୀଙ୍କୁ କୃଷି ଇନପୁଟ୍ ସହାୟତା ଯୋଗାଇ ଦିଆଯାଇ ନାହିଁ । ତେଣୁ ପ୍ରଚଳିତ କୃଷି ଇନପୁଟ୍ ସହାୟତାର ପରିମାଣକୁ ସଂଶୋଧନ କରାଯାଇ ଅତ୍ୟନ୍ତ ପକ୍ଷେ ଏହାର ଦୁଇଗୁଣା ବୃଦ୍ଧି ଅର୍ଥାତ ଜଳସେଚିତ ଅଞ୍ଚଳ ପାଇଁ ପ୍ରତି ହେକ୍ଟର ପିଛା ୨୭ହଜାର ଟଙ୍କା ଓ ଅଣ ଜଳସେଚିତ ଅଞ୍ଚଳ ପାଇଁ ପ୍ରତି ହେକ୍ଟର ପିଛା ୧୩ହଜରା ୬ଶହ ଟଙ୍କା ଓ ସର୍ବନିମ୍ନ ଭାବେ ଚାଷୀଙ୍କୁ ଯଥାକ୍ରମେ ୬ହଜାର ଓ ୪ ହଜାର ଟଙ୍କା କୃଷି ଇନପୁଟ୍ ସହାୟତା ଯୋଗାଇ ଦେବାକୁ ଓଡ଼ିଶା ପ୍ରଦେଶ କିଷାନ କଂଗ୍ରେସ ଅଧକ୍ଷ ଅମିୟ କୁମାର ପଟ୍ଟାନାୟକ ଦାବି କରିଛନ୍ତି ।

ରାଜ୍ୟରେ ନୂଆ ୩୨୮ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୦୭/୦୯ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୩୨୮ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ୍ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୩୨୯୨୦୩ କୁ ବୃଦ୍ଧି ପାଇଛି । ନୂଆ ଚିହ୍ନଟ ୩୨୮ ଆକ୍ରାନ୍ତଙ୍କ ମଧ୍ୟରୁ ୧୯୨ ଜଣ କ୍ୱାରେଂଟାଇନ (ସଙ୍ଗରୋଧ)ରୁ ଏବଂ ୧୩୬ ଜଣ ଲୋକାଲ୍ କଂଟାକ୍ଟ (ସ୍ଥାନୀୟ ସମ୍ପର୍କ)ରୁ ରହିଛନ୍ତି । ସେହିପରି ୦ ରୁ ୧୮ ବର୍ଷ ମଧ୍ୟରେ ୭୪ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଥିବା ନେଇ ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ୍ କରି ସୂଚନା ଦିଆଯାଇଛି । ଅନ୍ୟପକ୍ଷରେ ନୂଆ ୨୮୯ ଜଣ ସୁସ୍ଥ ହେବା ପରେ ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୩୧୮୩୫୧ ରେ ପହଂଚିଛି । ରାଜ୍ୟରେ ବର୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୧୬୧୬ ରହିଛି । ରାଜ୍ୟରେ ଆଜି ଚିହ୍ନଟ ହୋଇଥିବା ୩୨୮ ସଂକ୍ରମିତଙ୍କ ମଧ୍ୟରୁ ଅନୁଗୁଳ ଜିଲ୍ଲାରେ ୧, ବାଲେଶ୍ୱର ଜିଲ୍ଲାରେ ୪, ବରଗଡ଼ ଜିଲ୍ଲାରେ ୯, ବଲାଙ୍ଗିର ଜିଲ୍ଲାରେ ୮, କଟକ ଜିଲ୍ଲାରେ ୩୧, ଦେବଗଡ଼ ଜିଲ୍ଲାରେ ୩, ଗଜପତି ଜିଲ୍ଲାରେ ୪, ଗଞ୍ଜାମ ଜିଲ୍ଲାରେ ୧, ଜଗତସିଂହପୁର ଜିଲ୍ଲାରେ ୭, ଯାଜପୁର ଜିଲ୍ଲାରେ ୧୦, ଝାରସୁଗୁଡ଼ା ଜିଲ୍ଲାରେ ୩, କଳାହାଣ୍ଡି ଜିଲ୍ଲାରେ ୧୦, କନ୍ଧମାଳ ଜିଲ୍ଲାରେ ୪, କେନ୍ଦ୍ରାପଡ଼ା ଜିଲ୍ଲାରେ ୩, କେନ୍ଦୁଝର ଜିଲ୍ଲାରେ ୨ ଏବଂ ଖୋର୍ଦ୍ଧା ଜିଲ୍ଲାରେ ୫୪ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

୪ ଜିଲ୍ଲାର ମିଶନ ଶକ୍ତି ମା ମାନଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୦୭/୦୯ (ନି.ପ୍ର): ନବୀନ ନିବାସଠାରେ ବୁଧବାର ସଂଧ୍ୟାରେ ଯାଜପୁର, ପୁରୀ, ଜଗତସିଂହପୁର ଓ କେନ୍ଦ୍ରାପଡା ଜିଲ୍ଲାର ମିଶନ ଶକ୍ତି ଗୋଷ୍ଠୀର ମା ମାନେ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ଥିଲେ । ଏହି ଅବସରରେ ଗତ ଅଗଷ୍ଟ ୧୫ ତାରିଖ ୭୫ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ମା ମାନେ ଜାତୀୟ ପତାକା ତିଆରି ଦାୟିତ୍ୱ ନେଇ ଦକ୍ଷତାର ସହ ତୁଲାଇ ଥିବାରୁ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ । ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ ମିଶନ ଶକ୍ତି ମା ମାନଙ୍କ କାର୍ଯ୍ୟର ଉଚ୍ଚପ୍ରଶଂସା କରିଥିଲେ । ମୁଖ୍ୟମନ୍ତ୍ରୀ ସେମାନଙ୍କ ଉପରେ ଆସ୍ଥା ରଖି ଜାତୀୟ ପତାକା ପ୍ରସ୍ତୁତ ପରି ଏକ ଗୁରୁଦାୟିତ୍ୱ ଅର୍ପଣ କରିଥିବାରୁ ସେମାନେ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇ ଥିଲେ ।

ଏଇ ସପ୍ତାହରେ ଓସିଏସି ଲିଖିତ ପରୀକ୍ଷା ରେଜଲ୍ଟ

ଭୁବନେଶ୍ୱର,୦୭/୦୯ (ନି.ପ୍ର): ଏଇ ସପ୍ତାହ ଶେଷ ସୁଦ୍ଧା ପ୍ରକାଶ ପାଇବ ଓଡ଼ିଶା ସିଭିଲ୍ ସର୍ଭିସ୍ (ଓସିଏସ୍) - ୨୦୨୦ ଲିଖିତ ପରୀକ୍ଷା ଫଳ । ରେଜଲ୍ଟ ନେଇ ଓପିଏସସି ଅଧକ୍ଷ ସତ୍ୟଜିତ ମହାନ୍ତିଙ୍କ ଟୁଇଟ୍ ଯୋଗେ ଏହି ସୂଚନା ଦେଇଛନ୍ତି । ସେହିପରି ସେପ୍ଟେମ୍ବର ୩ୟ ସପ୍ତାହରେ ସାକ୍ଷାତକାର ପରୀକ୍ଷା ଆରମ୍ଭ ହେବ ବୋଲି ସେ ଉଲ୍ଲେଖ କରିଛନ୍ତି । ଅଧିକ ବିବରଣୀ ପାଇଁ ଓପିଏସସି ର ୱେବସାଇଟ୍ ଦେଖିବାକୁ ସେ ପରାମର୍ଶ ଦେଇଛନ୍ତି ।

ନବ ନିଯୁକ୍ତ ୭୦ ଶିକ୍ଷକଶିକ୍ଷୟତ୍ରୀଙ୍କୁ ସମ୍ବର୍ଦ୍ଧନା

ଖଇରା, ୦୭/୦୯ (ନି.ପ୍ର): ବାଲେଶ୍ୱର ଜିଲା ଅଧୀନ ଖଇରା ବ୍ଲକର ୨୬ହାଇସ୍କୁଲରେ ନବ ନିଯୁକ୍ତ ୭୦ ଶିକ୍ଷକଶିକ୍ଷୟତ୍ରୀଙ୍କୁ ବୁଧବାର ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ନହଙ୍ଗ ସରକାରୀ ହାଇସ୍କୁଲ ପରିସରରେ ଓଷ୍ଟା ଖଇରା ମଣ୍ଡଳ ତରଫରୁ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ସ୍ଥାୟୀ ସଭାପତି ଦିନବନ୍ଧୁ ଦାଶ ପୌରହିତ୍ୟ କରିଥିଲେ । ଗୋଷ୍ଠୀ ଶିକ୍ଷାଧିକାରୀ ଗୋଲକ ବିହାରୀ ପାଢୀ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଶ୍ରୀଧର ବେହେରା, ଗୌରାଙ୍ଗ ମହାପାତ୍ର ଓ ହେମନ୍ତ ମିଶ୍ର, ଜିଲା ସଭାପତି ବାଦଲ ପାତ୍ର, ପ୍ରାକ୍ତନ ଜିଲା ସଭାପତି ଜିତେନ୍ଦ୍ର ବେହେରା ଓ ପଦ୍ମଲୋଚନ ଦାଶ, ଭରତ ଚନ୍ଦ୍ର ଦାସ, ମହେଶ୍ୱର ପଣ୍ଡା, କାର୍ଯ୍ୟକାରୀ ସଭାପତି ରାଧାକାନ୍ତ ପଣ୍ଡା, ମହେନ୍ଦ୍ର କବି, ଈଶ୍ୱର ସାହୁ, ରାଜ୍ୟ କମିଟି ସଦସ୍ୟ ଶଚିଦାନନ୍ଦ ମହାପାତ୍ର, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାଜଶ୍ରୀ ରାଉତ,ଭାସ୍କର ମଲ୍ଲିକ ପ୍ରମୁଖ ଅତିଥି ଭାବେ ମଞ୍ଚ ଅଳଂକୃତ କରିଥିଲେ । ସମ୍ପାଦକ ଷଡାନନ ପାଣିଗ୍ରାହୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ନବ ନିଯୁକ୍ତ ଶିକ୍ଷକଙ୍କ ଯୋଗଦାନ-ବିଦ୍ୟାଳୟର ଶୈଖିକ ପରିବେଶକୁ ସୁଦୃଢ କରିବ ବୋଲି ଜିଲା ସଭାପତି ପାତ୍ର ପ୍ରକାଶ କରିଥିଲେ ।

ଓଡିଶାକୁ ସମାନ ଭାବେ ଦେଖନ୍ତି ମୁଖ୍ୟମନ୍ତ୍ରୀ : ମନ୍ତ୍ରୀ ଟୁକୁନୀ ସାହୁ

ଭୁବନେଶ୍ୱର,୦୭/୦୯ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ସବୁ ଅଂଚଳକୁ ସମାନ ଭାବେ ଦେଖନ୍ତି । ପଶ୍ଚିମ ଓଡିଶାକୁ ମୁଖ୍ୟମନ୍ତ୍ରୀ ସବୁବେଳେ ଗୁରୁତ୍ୱ ଦେଇ ଆସିଛନ୍ତି । କୋଶଳ ରାଜ୍ୟ ଦାବି ନେଇ ୧୦ଟି ଜିଲ୍ଲା ବନ୍ଦ ଘଟଣା ଉପରେ ସାମ୍ବାଦିକ ମାନଙ୍କ ପ୍ରଶ୍ନ ଉପରେ ପ୍ରତିକ୍ରିୟା ଦେଇ ମନ୍ତ୍ରୀ ଶ୍ରୀମତୀ ଟୁକୁନୀ ସାହୁ ଏହା କହିଛନ୍ତି । ସେ କହିଛନ୍ତି ଯେ ଗତ ୨୨ ବର୍ଷର ଶାସନରେ ମୁଖ୍ୟମନ୍ତ୍ରୀ ଓଡିଶାକୁ ସମାନ ଭାବରେ ଦେଖିଛନ୍ତି । ସେ କହିଛନ୍ତି ଯେ ଯେଉଁମାନଙ୍କର କିଛି ସମସ୍ୟା ଅଛି ଆମ ସହ ଆଲୋଚନା କଲେ ସମାଧାନ କରାଯିବ ।

ଜାମ୍ମୁ-ଶ୍ରୀନଗର ରାଜମାର୍ଗ ଭୂସ୍ଖଳନ ପାଇଁ ବନ୍ଦ

ଜାମ୍ମୁ, ୦୭/୦୯ (ନି.ପ୍ର): ଜାମ୍ମୁ-ଶ୍ରୀନଗର ରାଷ୍ଟ୍ରୀୟ ରାଜମାର୍ଗ (ଏନ୍.ଏଚ୍.-୪୪) ବୁଧବାର ଦିନ ଭୂସ୍ଖଳନ କାରଣରୁ ଯାନବାହାନ ଚଳାଚଳ ପାଇଁ ବନ୍ଦ କରିଦିଆଯାଇଛି । ଜାମ୍ମୁ ଏବଂ କାଶ୍ମୀର ଟ୍ରାଫିକ ପୋଲିସ ଟ୍ୱିଟ କରି କହିଛନ୍ତି ଯେ ଜାମ୍ମୁ ଶ୍ରୀନଗର ରାଷ୍ଟ୍ରୀୟ ରାଜମାର୍ଗ(ଏନ୍ଏଚ୍-୪୪) ପାହାଡ଼ରୁ ପଥର ପଡ଼ିବା କାରଣରୁ ରାମପରୀ, ବାନିହାଲରେ ଅବରୋଧ ହୋଇଛି । ରାଜମାର୍ଗକୁ ସଫା କରିବା କାମ ଜାରି ରହିଛି ।

ସଂସ୍କୃତି ଭବନରେ ଜିଲ୍ଲାସ୍ତରୀୟ ନୂଆଖାଇ ପର୍ବ ପାଳନ

ଭଦ୍ରକ,୦୭/୦୯ (ନି.ପ୍ର): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଭଦ୍ରକ ଜିଲ୍ଲା ପ୍ରଶାସନ ଦ୍ୱାରା ଜିଲ୍ଲା ସଂସ୍କୃତି ବିଭାଗ ଜରିଆରେ ଆଜି ସଂସ୍କୃତି ଭବନରେ ନୂଆଖାଇ ପର୍ବ ପାଳିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ରାମଦାସ ଟୁଡୁ ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ଜିଲ୍ଲା ସଂସ୍କୃତି ଅଧିକାରୀ ତନୁଜା ସିର୍କାଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଅତିଥି ଭାବେ ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀ କାର୍ତ୍ତିକ ନାଥ ମଣ୍ଡଳ, ମୁଖ୍ୟ ବକ୍ତା ଭାବେ ସଂସ୍କୃତି ଗବେଷକ, ନାଟ୍ୟକାର ଅବସରପ୍ରାପ୍ତ ପ୍ରଫେସର ଅଟଳ ବିହାରୀ ନାୟକ ଓ ସମ୍ମାନିତ ଅତିଥି ତଥା ମଞ୍ଚ ପରିଚାଳକ ଭାବେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ଯୋଗ ଦେଇଥିଲେ । ପଶ୍ଚିମ ଓଡ଼ିଶାର ନୂଆଖାଇ ପର୍ବ କିପରି ଚିନ୍ତତା ଭିତରେ ଏକତା ରକ୍ଷାକରିବାର ଭାବ ସୃଷ୍ଟିକରି ପାରୁଛି, ପ୍ରକୃତି ଭିତରେ ସଂସ୍କୃତି ର ବାର୍ତ୍ତା ବାଣ୍ଟିପାରୁଛି, ଏ ପର୍ବ କେବଳ ପଶ୍ଚିମ ଓଡ଼ିଶାରେ ସିମୀତ ନ ରହି ଆଜି ସାରା ରାଜ୍ୟ ଓ ଦେଶ ବିଦେଶକୁ ବ୍ୟାପ୍ତ ହେବା ଆରମ୍ଭ କରିଛି ସେ ସମ୍ବନ୍ଧରେ ଅତିଥି ଓ ଆଲୋଚକମାନେ ସବିଶେଷ ଆଲୋଚନା ରଖିଥିଲେ । ନୂଆଖାଇ ପର୍ବ ପାଳନର ତରିକା, ନୂଆଖାଇ ଓ ଭେଟଘାଟ ପର୍ବର ପରମ୍ପରା ଓ ବିଶେଷତ୍ୱ ସମ୍ବନ୍ଧରେ ମଧ୍ୟ ବକ୍ତବ୍ୟ ପ୍ରଦାନ କରିଥିଲେ । ମଞ୍ଚାସୀନ ଅତିଥିମାନଙ୍କ ବ୍ୟତୀତ ଜିଲ୍ଲା କଳା ସଂସ୍କୃତି ସଂଘର ଉପସଭାପତି ସୁବାଷ ଚନ୍ଦ୍ର ମଲ୍ଲିକ, ତିହିଡ଼ି ବ୍ଲକ୍ କଳା ସଂଘର ଉପସଭାପତି ସତ୍ୟବ୍ରତ ତ୍ରିପାଠୀ, ଚାନ୍ଦବାଲି ବ୍ଲକ କଳା ସଂସ୍କୃତି ସଂଘର ଉପସଭାପତି ତ୍ରିଲୋଚନ ପଣ୍ଡା, ଭଣ୍ଡାରିପୋଖରୀ ବ୍ଲକ କଳା ସଂସ୍କୃତି ସଂଘର ଉପସଭାପତି ରବୀନ୍ଦ୍ର କୁମାର ଜେନା, ବନ୍ତ ବ୍ଲକ କଳା ସଂସ୍କୃତି ସଂଘର ଉପସଭାପତିଙ୍କ ପ୍ରତିନିଧି ନବ କୁମାର ଲେଙ୍କା, ସଂଗୀତ ନାଟକ ଏକାଡ଼େମୀ ପୁରସ୍କାରପ୍ରାପ୍ତ ନାଟ୍ୟକାର ନିର୍ମଳ ରାଉତ ପ୍ରମୁଖ ଏହି ପ